- Vol.- 46, Issue No. 77
- Wednesday,17 June 2026
- ବୁଧବାର,୧୭ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ୧୬ମାସ ପରେ ଟ୍ରମ୍ପଙ୍କୁ ଭେଟିଲେ ମୋଦି




ନୂଆଦିଲ୍ଲୀ,୧୬।୬: ଫ୍ରାନ୍ସର ଏଭିଆନଠାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ହୋଇଛି। ଦୁଇ ନେତା ଅତ୍ୟନ୍ତ ଉଷ୍ମତାର ସହ କରମର୍ଦ୍ଦନ କରିଥିଲେ। ଗତ ୧୬ ମାସ ମଧ୍ୟରେ ଏହା ସେମାନଙ୍କର ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ନେତାମାନଙ୍କ ଆଲୋଚନା ପୂର୍ବରୁ, ମାକ୍ରୋନ ସମ୍ମିଳନୀ ସ୍ଥଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ।ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ହସହସ ମୁହଁରେ ଟ୍ରମ୍ପଙ୍କୁ ଅଭିବାଦନ ଜଣାଉଥିବା ଦେଖାଯାଇଥିଲା। ପରେ ଦୁଇ ନେତା ବିଶ୍ୱର ଅନ୍ୟ ନେତାମାନଙ୍କ ସହ ନିଜ ନିଜ ସ୍ଥାନରେ ବସିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଏହି ସାକ୍ଷାତକାର, ଫେବୃଆରୀ ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ ୱାଶିଂଟନ ଗସ୍ତ ପରେ ପ୍ରତ୍ୟକ୍ଷ ଭାବେ ପ୍ରଥମ ଆଲୋଚନା ଥିଲା। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି ୭ ସମ୍ମିଳନୀରେ ଯୋଗଦେବା ପାଇଁ ଦୁଇ ଦିନିଆ ଗସ୍ତରେ ଏଭିଆନ ପହଞ୍ଚିଛନ୍ତି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା କ୍ରମାଗତ ସପ୍ତମ ଉପସ୍ଥିତି। ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ର ଶ୍ରୀ ମୋଦୀ ଏକାଧିକ ଦ୍ୱିପାକ୍ଷିକ ବୈଠକ କରିବେ, ଯେଉଁଥିରେ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି, ବ୍ରିଟେନର ପ୍ରଧାନମନ୍ତ୍ରୀ କିର ଷ୍ଟାରମର ଏବଂ ୟୁଏଇର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କ ସହ ଆଲୋଚନା ସାମିଲ ରହିଛି।

## ଆଧାର କାର୍ଡ ବ୍ୟବହାର

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ 'ସୁପ୍ରିମ' ନୋଟିସ୍

## ■ ପରିଚୟ ଯାଞ୍ଚ ପର୍ଯ୍ୟନ୍ତ ସୀମିତ ରଖାଯିବାକୁ ଆବେଦନ ■ ଶୁଣାଣି କରିବାକୁ ଦେଲେ ସହମତି

ନୂଆଦିଲ୍ଲୀ,୧୬।୬: ଆଧାର କାର୍ଡର ଅପବ୍ୟବହାର ଅଭିଯୋଗ ନେଇ ଏକ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ରାଜି ହୋଇଛନ୍ତି । ଆବେଦନରେ ଅଭିଯୋଗ କରାଯାଇଛି ଯେ, ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ ଦ୍ୱାରା ଜାରି କରାଯାଇଥିବା ଆଧାର କାର୍ଡକୁ ନାଗରିକତା, ବାସସ୍ଥାନ ଏବଂ ଠିକଣାର ପ୍ରମାଣ ଭାବେ ଅପବ୍ୟବହାର କରାଯାଉଛି । ଆବେଦନରେ ଏହା ମଧ ଦାବି କରାଯାଇଛି ଯେ, ଆଧାର କାର୍ଡର ବ୍ୟବହାର କେବଳ ପରିଚୟ ଯାଞ୍ଚ ପର୍ଯ୍ୟନ୍ତ ସୀମିତ ରଖାଯାଉ । ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ଆବେଦନର ଶୁଣାଣି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠରେ କରାଯାଇଥିଲା । ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ମାମଲାରେ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି । ଏହି ଆବେଦନକୁ ପୂର୍ବରୁ ବିଚାରାଧୀନ ଥିବା ଅନ୍ୟାନ୍ୟ ସମାନ ମାମଲା ସହିତ ଯୋଡ଼ାଯାଇଛି । ଆବେଦନରେ କେନ୍ଦ୍ର ସରକାର, ରାଜ୍ୟ ଏବଂ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି ଯେ, ଆଧାର କେବଳ ପରିଚୟ ପ୍ରମାଣ ଭାବେ ବ୍ୟବହାର କରାଯାଏ । ନାଗରିକତା, ବାସସ୍ଥାନ, ଠିକଣା କିମ୍ବା ଜନ୍ମ ତାରିଖର ପ୍ରମାଣ ଭାବେ ନୁହେଁ । ଓକିଲ ଅଶ୍ୱିନୀ ଦୁବେଙ୍କ ମାଧ୍ୟମରେ ଦାଖଲ କରାଯାଇଥିବା ଏହି ଆବେଦନରେ ନୂତନ ଭୋଟର ପଞ୍ଜୀକରଣ ଫର୍ମରେ ଜନ୍ମ ତାରିଖ ଏବଂ ବାସସ୍ଥାନର ପ୍ରମାଣ ଭାବେ ଆଧାର କାର୍ଡର ବ୍ୟବହାରକୁ ଅବୈଧ ଘୋଷଣା କରିବାକୁ ମଧ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି । ଆବେଦନ ଅନୁଯାୟୀ, ଏହା ଆଧାର ଆଇନ, ୨୦୧୬ର ଧାରା ୯, ଜନପ୍ରତିନିଧି ଆଇନ, ୧୯୫୦ର ଧାରା ୨୩(୪) ଏବଂ ସମ୍ବିଧାନର ଧାରା ୧୪ ବିରୁଦ୍ଧରେ । ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଆଧାର ଆଇନ, ୨୦୧୬ର ଧାରା ୯ରେ ସ୍ପଷ୍ଟ ଭାବେ ଏହା ଉଲ୍ଲେଖ ଅଛି ଯେ, 'ଆଧାର ନାଗରିକତା କିମ୍ବା ବାସସ୍ଥାନର ପ୍ରମାଣ ନୁହେଁ ।' ଆବେଦନ ଅନୁଯାୟୀ, 'ଏହା ସତ୍ତ୍ୱେ, ଆଧାର କେବଳ ସ୍କୁଲ ପ୍ରବେଶ, ସମ୍ପତ୍ତି କ୍ରୟ, ଜନ୍ମ ପ୍ରମାଣପତ୍ର, ରାସନ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ପାଇଁ ବୟସ, ନାଗରିକତା ଏବଂ ବାସସ୍ଥାନର ପ୍ରମାଣ ଭାବେ ବ୍ୟବହାର କରାଯାଉନାହିଁ, ବରଂ ନୂତନ ଭୋଟର ପଞ୍ଜୀକରଣ ଆବେଦନ ଫର୍ମ (ଫର୍ମ-୬)ରେ ଜନ୍ମ ତାରିଖ ଏବଂ ଠିକଣାର ପ୍ରମାଣ ଭାବେ ମଧ୍ୟ ବ୍ୟବହାର କରାଯାଉଛି । ଏହି କାରଣରୁ, ଅନୁପ୍ରବେଶକାରୀ ଏବଂ ଅବୈଧ ପ୍ରବାସୀ ଆଧାର ବ୍ୟବହାର କରି ବିଭିନ୍ନ ସରକାରୀ ଡକ୍ୟୁମେଣ୍ଟ ହାସଲ କରୁଛନ୍ତି ।'



# ଦୃଷ୍ଟିବାଧିତଙ୍କ ଦୁଃଖ ଶୁଣିଲେ

- ★ ବୃଦ୍ଧା ଓ ଦୃଷ୍ଟିହୀନପୁଅଙ୍କୁ ସୁରକ୍ଷା ଭତ୍ତା ନେଇ ଗୁରୁତ୍ୱ
- ★ ସତ୍ୟପାଠ ଦାଖଲ କରନ୍ତୁ ରାଜ୍ୟ ସରକାର
- ★ ତତ୍କାଳ ଚିକିତ୍ସା ଲାଗି ସୁପ୍ରିମକୋର୍ଟ ଦେଲେ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୬।୬: ଓଡ଼ିଶାର ସୁବର୍ଣ୍ଣପୁର ବିନିକା ଅଞ୍ଚଳର ଜଣେ ବୃଦ୍ଧ ମାଆ ଓ ଦୃଷ୍ଟିହୀନ ପୁଅଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନେଇ ସୁପ୍ରିମକୋର୍ଟଙ୍କ ପକ୍ଷରୁ ହସ୍ତକ୍ଷେପ ପୂର୍ବକ ଗୁରୁତ୍ୱ ଦିଆଯାଇଛି। ମାଆ-ପୁଅଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଏବଂ ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ସର୍ବୋଚ୍ଚ ଅଦାଲତ ଜବାବ ତଲବ କରିଛନ୍ତି। ଦିବ୍ୟାଙ୍ଗଙ୍କୁ ସମ୍ମାନଜନକ ଜୀବନ ଓ ସାମାଜିକ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ, ଜନ୍ମରୁ ଅନ୍ଧ ଥିବା ଜପ ଭୁଏ ଏବଂ ତାଙ୍କର ୮୦ ବର୍ଷର ବୃଦ୍ଧା ମା' ରାଧିକା ଭୁଏଙ୍କ ସାମଗ୍ରିକ କଲ୍ୟାଣ ଓ ଭରଣପୋଷଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଏହା କେବଳ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଅଧୀନରେ ଘର ଖଣ୍ଡେ ବଣ୍ଟନ କରିବା ମଧ୍ୟରେ ସୀମିତ ନୁହେଁ। ଶୁଣାଣି ସମୟରେ ରାଜ୍ୟ ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ ବୃଦ୍ଧା ମା'ଙ୍କୁ ଏକ ଆବାସ ଗୃହ ଯୋଗାଇ ଦିଆଯାଇଛି ଏବଂ ଜପ ଭୁଏଙ୍କ ଭାଇମାନଙ୍କୁ ମଧ୍ୟ ଅଲଗା ଅଲଗା ଘର ମିଳିଛି। ତେବେ ଖଣ୍ଡପୀଠ କହିଛନ୍ତି ଯେ, ଜପ ଭୁଏ ଏବଂ ତାଙ୍କ ମା' ରାଧିକା ଭୁଏ ସମ୍ମାନର ସହ ବଞ୍ଚିବା ପାଇଁ ଆବଶ୍ୟକ ସହାୟତା ପାଉଛନ୍ତି କି ନାହିଁ, ତାହା ହିଁ କୋର୍ଟଙ୍କ ମୁଖ୍ୟ ଚିନ୍ତାର ବିଷୟ । ରାଧିକା ଭୁଏ ବାର୍ଦ୍ଧକ୍ୟ ଭତ୍ତା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଉଛନ୍ତି କି ନାହିଁ, ଦିବ୍ୟାଙ୍ଗ ଜପ ଭୁଏଙ୍କୁ ଭିନ୍ନକ୍ଷମ ଭତ୍ତା ତଥା ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳୁଛି କି ନାହିଁ, ସେ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସତ୍ୟପାଠ ମୁଖ୍ୟ ଶାସନ ସଚିବ ପାହ୍ୟାରୁ କମ୍ ନ ଥିବା ଜଣେ ଅଧିକାରୀଙ୍କ ଦ୍ୱାରା ଦାଖଲ ହେବା ଆବଶ୍ୟକ। ଏହା ସହିତ କୋର୍ଟ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ବା ଓଏସ୍ଏଲଏସଏକୁ ଏହି ପରିବାରକୁ ଭେଟି ସେମାନଙ୍କ ସହ ଆଲୋଚନା କରିବାକୁ ଏବଂ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ସେମାନଙ୍କର ତତ୍କାଳ ଚିକିତ୍ସା ଆବଶ୍ୟକତା ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୨୧ରୁ 'ସୁଭଦ୍ରା ଶକ୍ତି ସମାବେଶ'

ଭୁବନେଶ୍ୱର,୧୬।୬: ରାଜ୍ୟରେ ମହିଳା ସଶକ୍ତିକରଣ ଓ ସ୍ୱାବଲମ୍ବନକୁ ଆହୁରି ମଜଭୁତ କରିବା ପାଇଁ ଜୁନ୍ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଆୟୋଜିତ ହେବ 'ସୁଭଦ୍ରା ଶକ୍ତି ସମାବେଶ'। ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଆୟୋଜନ କରାଯିବ। ଏନେଇ ମଙ୍ଗଳବାର ମିଶନ ଶକ୍ତି ଭବନରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଭର୍ଚୁଆଲ ସମୀକ୍ଷା ବୈଠକ କରିଥିଲେ।ରଜ ପର୍ବର ଶେଷ ଦିନରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ଫିଲ୍ଡ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। 'ସୁଭଦ୍ରା ଶକ୍ତି ସମାବେଶ'ର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ଶୀଘ୍ର ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ମହିଳାମାନଙ୍କ ମଧ୍ୟରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଓ ସେମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ସମାବେଶ, ଦକ୍ଷତା ବିକାଶ, ବଜାର ସଂଯୋଗ ଓ ରୋଜଗାର ସୁଯୋଗ ସମ୍ପର୍କରେ ଅବଗତ କରାଯିବ। ଏହା ସହିତ ଅଧିକ ସଂଖ୍ୟାରେ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି କରିବା ଉପରେ ମଧ ଗୁରୁତ୍ୱ ଦିଆଯିବ।

# ୨୦୨୭ରେ ହେବ ୫ ରାଜ୍ୟରେ ନିର୍ବାଚନ !

ନୂଆଦିଲ୍ଲୀ,୧୬।୬: ୨୦୨୭ ମସିହାରେ ଦେଶର ପାଞ୍ଚଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଦୃଷ୍ଟିରୁ ଫେବୃଆରୀରେ ଆରମ୍ଭ ହେବାକୁ ଥିବା ଦେଶବ୍ୟାପୀ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ସହିତ ଏକକାଳୀନ ହେବା ଏଡାଇବା ପାଇଁ ଏହା ଆଗୁଆ କରାଯାଇପାରେ। ଏକ ସୂତ୍ରରୁ ଏହା ଜଣାପଡ଼ିଛି। ନିର୍ବାଚନ କମିଶନଙ୍କ ସୂତ୍ର ଅନୁଯାୟୀ, ନିର୍ବାଚନ କାର୍ଯ୍ୟସୂଚୀ ନିଷ୍ପତ୍ତି ନେବା ସମୟରେ ନିର୍ବାଚନ ସଂସ୍ଥା ଜନଗଣନାକୁ ବିଚାରକୁ ନେବ। ସୂତ୍ର ଅନୁଯାୟୀ, ଯେହେତୁ ଏହି ରାଜ୍ୟଗୁଡ଼ିକରେ ନିର୍ବାଚନ, ଜନଗଣନା କାର୍ଯ୍ୟ ଚାଲୁଥିବା ସମୟରେ ହେବାକୁ ଯାଉଛି, ତେଣୁ ଆବଶ୍ୟକ ହେଲେ କମିଶନ ମତଦାନ ତାରିଖ କିଛି ସପ୍ତାହ କିମ୍ବା କିଛି ମାସ ଆଗୁଆ କରିବାକୁ ବିଚାର କରିପାରନ୍ତି। ତଥାପି, ନିର୍ଦ୍ଧାରିତ ସମୟଠାରୁ ପୂର୍ବରୁ ନିର୍ବାଚନ କରିବା ସମ୍ଭାବନା ଉପରେ ଏପର୍ଯ୍ୟନ୍ତ ନିର୍ବାଚନ ସଂସ୍ଥା ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। କମିଶନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ପରେ ଏପରି କୌଣସି ନିଷ୍ପତ୍ତି ନିଆଯାଇପାରେ। ୨୦୨୭ରେ ନିର୍ବାଚନ ହେବାକୁ ଥିବା ସମ୍ଭାବ୍ୟ ରାଜ୍ୟଗୁଡ଼ିକ ହେଉଛି ଗୋଆ, ପଞ୍ଜାବ, ମଣିପୁର, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ। ବର୍ତ୍ତମାନର ବିଧାନସଭା କାର୍ଯ୍ୟକାଳ ଏହି ତାରିଖରେ ଶେଷ ହେବ:ଗୋଆ: ୧୪ ମାର୍ଚ୍ଚ ୨୦୨୭, ମଣିପୁର: ୧୩ ମାର୍ଚ୍ଚ ୨୦୨୭ପଞ୍ଜାବ: ୧୬ ମାର୍ଚ୍ଚ ୨୦୨୭, ଉତ୍ତର ପ୍ରଦେଶ: ୨୨ ମଇ ୨୦୨୭,ଉତ୍ତରାଖଣ୍ଡ: ୨୮ ମଇ ୨୦୨୭।

# ରାଇରଙ୍ଗପୁରରେ ସରକାରଙ୍କ ହେବ ବର୍ଷପୂର୍ତ୍ତି ସମାରୋହ

- ପ୍ରଶାସନିକ ପ୍ରସ୍ତୁତିକୁ ତ୍ରୁଟିଶୂନ୍ୟ କରିବାକୁ ନିର୍ଦ୍ଦେଶ
- ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ହେବ ଶିଳାନ୍ୟାସ ଓ ଉଦ୍‌ଘାଟନ




ଭୁବନେଶ୍ୱର,୧୬।୬: ଓଡ଼ିଶା ବିକାଶ ଇତିହାସରେ ପ୍ରଥମଥର ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ରାଜ୍ୟର ଗୋଟିଏ ମଂଚରେ ଉଭୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଖିବାକୁ ମିଳିବ। ରାଇରଙ୍ଗପୁର ଠାରେ ରାଜ୍ୟର ବିଜେପି ସରକାରର ବର୍ଷପୂର୍ତ୍ତି ସମାରୋହରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବେ। ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ବିଶାଳ ଆୟୋଜନକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ, ଗୃହ, ସୂଚନା ଓ ଲୋକସମ୍ପର୍କ ଭଳି ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ମଧ୍ୟରେସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଚଳିତମାସ ୧୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଗସ୍ତରେ ନିଜ ଗୃହ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଜନ୍ମଦିନ ଥିବାରୁ ସେ ରାଇରଙ୍ଗପୁରରେ ଉପସ୍ଥିତ ରହିବେ। ଜନ୍ମମାଟିରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ଆଜିର ବୈଠକରେ ଚୂଡ଼ାନ୍ତ ରୂପ ଦିଆଯାଇଛି। ସେହିପରି ଜୁନ୍ ୨୦ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ରାଇରଙ୍ଗପୁରରେ ପହଞ୍ଚିବେ। ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟସ୍ତରୀୟ ମେଗା ଉତ୍ସବରେ ସେ ସାମିଲ ହେବେ। ୨୦ତାରିଖରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ।

## ନିଟ୍ ୟୁଜି ପୁନଃ ପରୀକ୍ଷା ସ୍ୱଚ୍ଛତା ପାଇଁ ନିଷ୍ପତ୍ତି

# ୨୨ ପର୍ଯ୍ୟନ୍ତ 'ଟେଲିଗ୍ରାମ୍' ବନ୍ଦ

ନୂଆଦିଲ୍ଲୀ,୧୬।୬: ନିଟ୍ ୟୁଜି ପୁନଃ ପରୀକ୍ଷା ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଡ ନିଷ୍ପତ୍ତି ନିଆଯାଇଛି। ଅସ୍ଥାୟୀ ଭାବରେ ଜୁନ୍ ୨୨ ପର୍ଯ୍ୟନ୍ତ ଭାରତରେ ବନ୍ଦ ହେବ ସୋସିଆଲ ମିଡିଆ 'ଟେଲିଗ୍ରାମ୍ '। ଏ



ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଆସନ୍ତା ୨୧ ତାରିଖରେ ନିଟ୍ ୟୁଜି-୨୦୨୬ ପୁନଃପରୀକ୍ଷା ଆୟୋଜିତ ହେବ। ପରୀକ୍ଷାର ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ଏବଂ କପି ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ଅସ୍ଥାୟୀ ପ୍ରତିବନ୍ଧକ ଲାଗିଛି । ଏହା ସହିତ ଟେଲିଗ୍ରାମରେ ମେସେଜ୍ ଏଡିଟିଂ ଫିଚରକୁ ଜୁନ୍ ୩୦ ପର୍ଯ୍ୟନ୍ତ ଆକ୍ସେସ୍ କରିପାରିବେ ନାହିଁ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ଏନଟିଏ। ଅପରପକ୍ଷରେ ଗୁଜବକୁ ବିଶ୍ୱାସ ନକରିବାକୁ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଏନଟିଏ ଆଡଭାଇଜରୀ ଜାରି କରିଛି। କେହି ପ୍ରଶ୍ନପତ୍ର ଅଫର୍ ଦେଲେ ସୂଚନା ଦେବାକୁ ଅନୁରୋଧ କରାଯାଇଛି । କେବଳ ଓଡ଼ିଶାର ୨୭ଟି ସହରର ୧୩୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫୬ ହଜାର ୯୮୩ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

# ୩ ମାସ ହେଲା ଭତ୍ତା ନ ମିଳିବାରୁ ବୃଦ୍ଧାଙ୍କ ଆତ୍ମହତ୍ୟା ଅଭିଯୋଗ



ଗଂଜାମ,୧୬।୬: ୩ ମାସ ହେଲା ବିଧବ ଭତ୍ତା ନ ମିଳିବାରୁ ଜଣେ ବୃଦ୍ଧା ଆତ୍ମହତ୍ୟା କରି ଦେଇଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ପଞ୍ଚାୟତ ଚଢିଆପଡ଼ା ଗାଁରୁ ଆସିଛି ଏପରି ଅଭିଯୋଗ।ମୃତ ବୃଦ୍ଧା ଜଣକ ହେଲେ ବି. ସାବିତ୍ରୀ ଦୋରା। ତାଙ୍କୁ ୬୦ ବର୍ଷ ହୋଇଥିଲା। ୧୭ ବର୍ଷ ହେଲା ସେ ବିଧବାଭତ୍ତା ପାଇ ଆସୁଥିଲେ। ହେଲେ ଗତ ୩ ମାସ ହେଲା ଭତ୍ତା ନମଳିବା ଯୋଗୁଁ ସେ ବହୁତ ଅସୁବିଧାରେ ଥିଲେ। ପେଟକୁ ଦାନା ସହିତ ରୋଗ ପାଇଁ ମେଡିସିନ୍ କିଣିବାକୁ ଏହି ଭତ୍ତା ଟଙ୍କା ହିଁ ଥିଲା ତାଙ୍କର ଏକମାତ୍ର ସାହାରା। ଭତ୍ତା ଟଙ୍କା ପାଇଁ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ ଅଫିସ ଯାଇ ସେ ନୟାନ୍ତ ହୋଇପଡ଼ିଥିଲେ। ସାବିତ୍ରୀଙ୍କର ୩ ଜଣ ଝିଅ ଅଛନ୍ତି। ଦୁଇ ଝିଅ ଚେନ୍ନାଇରେ ରହୁଥିବା ବେଳେ ସାନ ଝିଅ ଚାନ୍ଦ ଦୋରା ସେହି ଗାଁରେ ରହନ୍ତି। ଚାନ୍ଦ କହିଛନ୍ତି, ଆମର ଭାଇ ନାହାନ୍ତି। ଆମେ ତିନି ଭଉଣୀ ବିବାହ କରି ଶାଶୁଘରେ ରହୁଛୁ। ଦୁଇ ଭଉଣୀ ଚେନ୍ନାଇରେ ରହନ୍ତି। ମୁଁ ଗାଁରେ ରହୁଥିବାରୁ ମା'କୁ ଔଷଧପତ୍ର କିଣାକିଣି ପାଇଁ ସାହାଯ୍ୟ କରୁଥିଲି। ହେଲେ ତାହା ଯଥେଷ୍ଟ ନଥିଲା। ଘରେ କେବଳ ରାସନ କାର୍ଡ ଥିଲା। ସେଥିରେ ମା'କୁ ୫ କିଲୋ ଚାଉଳ ମିଳୁଥିଲା। କିନ୍ତୁ ଅନ୍ୟ ଖାଦ୍ୟ ସାମଗ୍ରୀ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ କିଣିବା ପାଇଁ ସେ ସେହି ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିଲେ। ତେଣୁ ଭତ୍ତା ଟଙ୍କା ନମିଳିବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଛି।ସାବିତ୍ରୀ ଦୋରାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଟାକୁଆ ବିକିଲେ ପୂରିବ ପେଟ !

ସମ୍ବଲପୁର,୧୬।୬: ଘର ଅଗଣାରେ ଶୁଖୁଛି ଆମ୍ବୁଲ। ଟାକୁଆ ବାହାର କରିବାରେ ଲାଗିଛନ୍ତି ପୂରା ପରିବାର । ପଚାରିଲେ କହୁଛନ୍ତି, ପରିଣତ ବୟସରେ କୁଆଡ଼େ ଯିବୁ ? କିଏ ବା କାମ ଦେବ ? ଗୋଡ଼ହାତ ଚଳୁନି, ଖାଇବୁ କ'ଣ ? ୩ ମାସ ହେଲାଣି ସରକାର ଭତ୍ତା ବନ୍ଦ କରି ଦେଇଛନ୍ତି, ଔଷଧ କିଣିବୁ କିପରି ? ରୋଗିଣା ପୁଅର ଯତ୍ନ ନେବୁ କେମିତି ? ଏଭଳି ଅସମାହିତ ପ୍ରଶ୍ନ ଭିତରେ ଭତ୍ତାକୁ ଅନେଇ ରହିଛନ୍ତି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସିରିଡ଼ ଗାଁର କଳ୍ପତରୁ ସେଠ, ବୃଦ୍ଧା ପତ୍ନୀ ଓ ରୋଗ ଶଯ୍ୟାରେ ପଡିଥିବା ମାନସିକ ବିକୃତ ପୁଅ । ଆକୁଳ ନିବେଦନ କରି କହିଛନ୍ତି ହେ ସରକାର ଆଉ ନିଷ୍ଠୁର ହୁଅନାହିଁ, ଶୀଘ୍ର ଆମକୁ ଭତ୍ତା ଦିଅ, ଆମେ ଆଉ ସହି ପାରୁନୁ ।

## ଖୁବ୍ ଶୀଘ୍ର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ ଭତ୍ତା ଟଙ୍କା: ମନ୍ତ୍ରୀ

ଭୁବନେଶ୍ୱର,୧୬।୬(ନିପ୍ର) ଭତ୍ତା ଟଙ୍କା ନପାଇ ଚିନ୍ତାରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଖୁବ୍ ଶୀଘ୍ର ଭତ୍ତା ଟଙ୍କା ଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଉ କିଛି ଦିନ ପରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିବ । ସଫ୍ଟୱେୟାରରେ କିଛି ତ୍ରୁଟି ରହିଯାଇଛି, ତାକୁ ସଂଶୋଧନ କରାଯାଉଛି। ଏଥିପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। ଅଳ୍ପ ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ଖାତାକୁ ଭତ୍ତା ଟଙ୍କା ଯିବ।

# ଏକ ଅଭିଶାପ ନେଇଗଲା ପାଣ୍ଡୁଙ୍କ ଜୀବନ !



ପାଣ୍ଡୁଙ୍କ ମୃତ୍ୟୁ ମହାଭାରତର ଏକ ମର୍ମସ୍ପର୍ଶୀ କାହାଣୀ। ତେବେ କିପରି ଜଣେ ଋଷିଙ୍କ ଅଭିଶାପରେ ପାଣ୍ଡୁଙ୍କ ମୃତ୍ୟୁ ହେଲା, ମାଦ୍ରି କିପରି ସତୀ ହେଲେ ଏବଂ ପାଞ୍ଚ ପାଣ୍ଡବ କିପରି ହସ୍ତିନାପୁର ଗଲେ ସେ ବିଷୟରେ ଆସନ୍ତୁ ଜାଣିବା। ବନରେ ଏକ ତପସ୍ୱୀ ଜୀବନଯାପନ କରୁଥିବା ରାଜା ପାଣ୍ଡୁ ତାଙ୍କ ପତ୍ନୀ ମାଦ୍ରୀଙ୍କ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇଥିଲେ। ସେହି ମୁହୂର୍ତ୍ତରେ, ସେ ଋଷି କିନ୍ଦମଙ୍କ ଅଭିଶାପକୁ ଭୁଲିଗଲେ, ଯାହା ତାଙ୍କୁ ମହିଳାମାନଙ୍କଠାରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲା। ତାଙ୍କ ମନ ଉପରେ ନିୟନ୍ତ୍ରଣ ହରାଇବାର ଏହି ମୁହୂର୍ତ୍ତ ତାଙ୍କ ଜୀବନର ସବୁଠାରୁ ବଡ଼ ଦୁଃଖଦ ଘଟଣା ପାଲଟିଗଲା। ମାଦ୍ରୀଙ୍କ ନିକଟକୁ ଆସିବା ମାତ୍ରେ, ଋଷି କିନ୍ଦମଙ୍କ ଅଭିଶାପ ଫଳିଲା ଏବଂ ରାଜା ପାଣ୍ଡୁ ତତ୍କ୍ଷଣାତ୍ ମୃତ୍ୟୁବରଣ କଲେ। ଘଟଣାଗୁଡ଼ିକର ଏହି ହଠାତ୍ ପରିବର୍ତ୍ତନ ଦେଖି ମାଦ୍ରି ଆଶ୍ଚର୍ଯ୍ୟ ହୋଇଗଲେ। ଜଙ୍ଗଲରେ ଉପସ୍ଥିତ ଋଷି ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ଦୁଃଖଦ ଖବର ଶୁଣି ଦୁଃଖରେ ବୁଡ଼ିଗଲେ। ସ୍ୱାମୀଙ୍କ ମୃତ୍ୟୁ ପରେ, ମାଦ୍ରୀ ଏହି ଦୁଃଖଦ ଖବର ପାଇଁ ନିଜକୁ ଦାୟୀ କଲେ। ସେ ବାରମ୍ବାର ବିଳାପ କରି କହିଲେ ଯେ ପାଣ୍ଡୁଙ୍କ ବିନା ତାଙ୍କ ଜୀବନ ଅର୍ଥହୀନ। ଶେଷରେ, ସେ ତାଙ୍କ ସ୍ୱାମୀଙ୍କ ସହିତ ଅଗ୍ନିରେ ପ୍ରବେଶ କରି ସତୀ (ସତୀ) ହେବାକୁ ସଂକଳ୍ପ ନେଲେ, ଯାହା ତାଙ୍କର ଶେଷ ଧର୍ମ ହେବ। ସତୀ ହେବା ପୂର୍ବରୁ, ମାଦ୍ରୀ କୁନ୍ତୀଙ୍କୁ ନକୁଳ ଏବଂ ସହଦେବଙ୍କୁ ନିଜ ପୁଅ ପରି ଭଲ ପାଇବାକୁ ଅନୁରୋଧ କରିଥିଲେ। ତାଙ୍କର ସଂପୂର୍ଣ୍ଣ ବିଶ୍ୱାସ ଥିବା ଯେ କୁନ୍ତୀ କେବେ ପାଞ୍ଚ ପାଣ୍ଡବଙ୍କ ମଧ୍ୟରେ ପାର୍ଥକ୍ୟ କରିବେ ନାହିଁ। ଏହି ଭାବପ୍ରବଣ ମୁହୂର୍ତ୍ତ ଦୁଇ ମାତାଙ୍କ ମଧ୍ୟରେ ପ୍ରେମ ଏବଂ ତ୍ୟାଗର ପ୍ରତୀକ ହୋଇଗଲା। ମାଦ୍ରୀ କୁନ୍ତୀଙ୍କୁ ପ୍ରଣାମ କରି ତାଙ୍କ ଦୁଇ ପୁଅଙ୍କ ଭବିଷ୍ୟତ ତାଙ୍କ ହାତରେ ସମର୍ପଣ କଲେ। ସେ ସେମାନଙ୍କୁ ଧାର୍ମିକତା, ପ୍ରେମ ଏବଂ ସମାନତା ସହିତ ସେମାନଙ୍କ ସନ୍ତାନମାନଙ୍କୁ ପାଳନ କରିବାକୁ ଅନୁରୋଧ କଲେ। ତାଙ୍କର ଶେଷ ମୁହୂର୍ତ୍ତରେ, ସେ ପାଣ୍ଡବମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ଏବଂ ଏକ ଶାନ୍ତ ମନରେ ବିଦାୟ ନେଲେ। ତେବେ ଋଷିମାନେ ପାଣ୍ଡୁ ଏବଂ ମାଦ୍ରୀଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହିତ ସଂରକ୍ଷଣ କଲେ ଏବଂ ପାଞ୍ଚ ପାଣ୍ଡବଙ୍କ ସହିତ ସେମାନଙ୍କୁ ହସ୍ତିନାପୁରକୁ ଆଣିଲେ। ଯେତେବେଳେ ନଗରବାସୀ ଏବଂ ରାଜପରିବାର ଏହି ଦୁଃଖଦ ଘଟଣା ବିଷୟରେ ଜାଣିବାକୁ ପାଇଲେ, ସମଗ୍ର ସହର ଶୋକରେ ବୁଡ଼ିଗଲା। ସମସ୍ତେ ସେମାନଙ୍କର ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକାଠି ହେଲେ। ପାଣ୍ଡୁ ଏବଂ ମାଦ୍ରୀଙ୍କ ବିୟୋଗ ଭୀଷ୍ମ, ବିଦୁର, ଧୃତରାଷ୍ଟ୍ର ଏବଂ ସମଗ୍ର କୁରୁ ବଂଶକୁ ଗଭୀର ଶୋକରେ ବୁଡ଼ାଇ ଦେଇଥିଲା। ବୈଦିକ ରୀତିନୀତି ଅନୁସାରେ ସେମାନଙ୍କର ଦାହ କରାଯାଇଥିଲା। ଏହି ଶୋକର ପରିବେଶରେ, ପାଣ୍ଡବମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ମହାଭାରତର କାହାଣୀକୁ ନୂଆ ଦିଗ ଦେଇଥିଲା।

# କୁମାରୀନଦୀ ନର୍ମଦା



ଭୀକାସୁର ବଧ ପରେ ପାଣ୍ଡବମାନେ ଏକଚକ୍ରା ନଗରୀ ପରିତ୍ୟାଗ କରି ପାଞ୍ଚାଳ ନଗରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଏହି ଯାତ୍ରା ପାଣ୍ଡବମାନଙ୍କର ଗୁପ୍ତଯାତ୍ରା ଥିବାରୁ ସେମାନେ ପ୍ରାୟ ରାତିର ଅନ୍ଧକାରରେ ଯାତ୍ରା କରୁଥିଲେ। ଏହି ସମୟରେ ସେମାନେ ଗଙ୍ଗାକୂଳରେ ଯାଉଥିବାବେଳେ ଏକ ଅଘଟଣ ଘଟିଲା। ସେହି ସମୟରେ ଅଙ୍ଗାରପର୍ଣ୍ଣ ନାମରେ ଜଣେ ଗନ୍ଧର୍ବ ତା'ର ପତ୍ନୀମାନଙ୍କ ସହିତ ଜଳକ୍ରୀଡ଼ା କରୁଥିଲା। ଏହି ଗନ୍ଧର୍ବ ଅତ୍ୟନ୍ତ ଗର୍ବୀ ଓ ଈର୍ଷାଳୁ ଥିଲା। ତା'ର ସୁନ୍ଦରଭାବେ ଚିତ୍ରିତ ଏକ ଅପୂର୍ବ ରଥ ଥିଲା; ତେଣୁ ତା'ର ଅନ୍ୟ ନାମ ଥିଲା ଚିତ୍ରରଥ। ଗଙ୍ଗାତଟର ସେହି ବନଭୂମି ତା'ର ଅଧୀନରେ ଥିଲା। ସେଠାରେ ମନୁଷ୍ୟମାନଙ୍କର ପଦଧ୍ୱନି ଶୁଣି ସେ କ୍ରୋଧରେ ଅନ୍ଧ ହୋଇ ତା'ର ଧନୁ ଟଙ୍କାରର ଭୀଷଣ ଘୋଷ କରି କହିଲା- ହେ ମନୁଷ୍ୟମାନେ, ଏଠାରୁ ଦୂର ହୁଅ। ଗନ୍ଧର୍ବରାଜ ଅଙ୍ଗାରପର୍ଣ୍ଣ ଏଠାରେ ଏବେ ଜଳକ୍ରୀଡ଼ା କରୁଛନ୍ତି। ଏ ବନଭୂମି ମୋର ଅଧୀନ। ତୁମର କିପରି ସାହସ ହେଲା ଏଠାକୁ ଆସିବାକୁ ? ନିୟମ ଅନୁସାରେ ମନୁଷ୍ୟମାନଙ୍କର ବିଚରଣର ସମୟ ଦିବାକାଳ। ଯକ୍ଷ, ଗନ୍ଧର୍ବ, ରାକ୍ଷସ ଆଦିଙ୍କର ବିହାର ଓ ବିଚରଣ ସମୟ ରାତ୍ରିକାଳ। ମୋର ବଳବୀର୍ଯ୍ୟ ଓ ସାହସ ସଂପର୍କରେ ବୋଧହୁଏ ତୁମେମାନେ ଅଜ୍ଞ। ସେହି ଗନ୍ଧର୍ବର ଏପରି ଆସ୍ଫାଳନ ଶୁଣି ଅର୍ଜୁନ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ। ସେ କହିଲେ- ଆକାଶଗଙ୍ଗା ପୁଣ୍ୟ ପ୍ରଦାନ ନିମିତ୍ତ ମର୍ତ୍ତ୍ୟଲୋକରେ ପ୍ରବାହିତ। ତେଣୁ ତାଙ୍କର ତଟଦେଶ ସମସ୍ତଙ୍କ ନିମିତ୍ତ ଉନ୍ମୁକ୍ତ। ଗଙ୍ଗାତଟକୁ ଆସିବା ପାଇଁ ଆମକୁ ବାଧା ଦେବାକୁ ତୁମେ କିଏ ? ଏହିପରି ବାକ୍ୟ ବିନିମୟ ମଧ୍ୟରେ ଅଙ୍ଗାରପର୍ଣ୍ଣ ଅଧିକ କ୍ରୋଧିତ ହୋଇ ଅର୍ଜୁନଙ୍କୁ ଲକ୍ଷ୍ୟ କରି ବାଣ ନିକ୍ଷେପ କଲା। ଅର୍ଜୁନ ଗୋଟିଏ ବାଣରେ ଅଙ୍ଗାରପର୍ଣ୍ଣର ରଥ ଓ ଅସ୍ତ୍ର ସହିତ ସେହି ଗନ୍ଧର୍ବକୁ ମଧ୍ୟ ଭୂତଳଶାୟୀ କରିଦେଲେ। ତା'ପରେ ସେହି ଗନ୍ଧର୍ବକୁ ଧରି ସେ ଯୁଧିଷ୍ଠିରଙ୍କ ପାଖକୁ ଆଣିଲେ। ଗନ୍ଧର୍ବ ଅଙ୍ଗାରପର୍ଣ୍ଣର କୁମ୍ଭୀନାଶୀ ନାମରେ ଏକ ଗୁଣବତୀ ପତ୍ନୀ ଥିଲା। ସେ ଆସି ଯୁଧିଷ୍ଠିରଙ୍କ ପାଦତଳେ ପଡ଼ି ସ୍ୱାମୀର ଆଚରଣ ପାଇଁ କ୍ଷମାପ୍ରାର୍ଥନା କଲା। ଧର୍ମରାଜ ଯୁଧିଷ୍ଠିର ଗନ୍ଧର୍ବକୁ କ୍ଷମା କରିଦେଲେ। ତାହାର ସମସ୍ତ ଅହଂକାର ଚୂର୍ଣ୍ଣ ହେଲା ଏବଂ ସେ ପାଣ୍ଡବ ପାଞ୍ଚଭାଇଙ୍କ ପରିଚୟ ଜାଣି ଆନନ୍ଦରେ ସେମାନଙ୍କ ସହିତ ବନ୍ଧୁତା ଆଚରଣ କଲା। ସେ ପ୍ରତ୍ୟେକ ଭାଇଙ୍କୁ ଏକ ଏକ ସୁନ୍ଦର ରଥ ତଥା ମନପବନ ସଦୃଶ ଗତି କରିପାରୁଥିବା ଅଶ୍ୱମାନ ଉପହାର ସ୍ୱରୂପ ପ୍ରଦାନ କଲା। ପରିଶେଷରେ ସେ ଅର୍ଜୁନଙ୍କୁ ଚାକ୍ଷୁଷୀ ବିଦ୍ୟା ଶିକ୍ଷା ଦେଲା- ଯାହା ଯୁଦ୍ଧକାଳରେ ଅର୍ଜୁନଙ୍କୁ ବିଶେଷ ସାହାଯ୍ୟ କରିପାରିବ। ଅଙ୍ଗାରପର୍ଣ୍ଣ ଭୂତ ଓ ଭବିଷ୍ୟତର ଜ୍ଞାତା ହେତୁ ପାଣ୍ଡବମାନଙ୍କୁ ତାଙ୍କ ବଂଶର ଆଦିପୁରୁଷ କୁରୁଙ୍କର ଜନ୍ମଠାରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ଯଶକୀର୍ତ୍ତି ଆଦି ସଂପର୍କରେ କଥାମାନ ଶୁଣାଇଲା ଏବଂ କହିଲା- ପାଣ୍ଡବମାନେ ଯେହେତୁ ରାଜପୁତ୍ର ଏବଂ ପରବର୍ତ୍ତୀ କାଳରେ ନିଶ୍ଚିତ ଭାବରେ ରାଜ୍ୟ ଶାସନ କରିବେ, ତେଣୁ ଜଣେ କୁଳଗୁରୁଙ୍କର ସନ୍ଧାନ କରି ତାଙ୍କର ନିର୍ଦ୍ଦେଶରେ ହିଁ କାର୍ଯ୍ୟ କରନ୍ତୁ। ଏହି ଅଙ୍ଗାରପର୍ଣ୍ଣ ବା ଚିତ୍ରରଥ ମହାଭାରତର ଅନେକ ସ୍ଥାନରେ ଅନେକ ଭାବରେ ଦେଖାଯାଇଛନ୍ତି। ଏବଂ ସଦାସର୍ବଦା ସେ ପାଣ୍ଡବମାନଙ୍କ ସହିତ ସ୍ଥାପନ କରିଥିବା ମିତ୍ରତାର ମାନ ରକ୍ଷା କରିଛନ୍ତି।



# ଚାଲିଲେ ପାଖ ମାଡ଼ିବନି ରୋଗ


## ଦୈନିକ ୩୦ ମିନିଟ୍ ଚାଲନ୍ତୁ


- ଦୈନିକ ୩୦ ମିନିଟ୍ ଚାଲିଲେ ମଣିଷ ଉଭୟ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରୁହେ
- ହୃଦ୍‌ରୋଗ ସମସ୍ୟା ଦୂର କରେ, ଶରୀରର ଓଜନ ନିୟନ୍ତ୍ରଣରେ ରୁହେ
- ଚାଲିବା ଦ୍ୱାରା ମଣିଷ ଚାପମୁକ୍ତ ରୁହେ ମାଂସପେଶୀ ଏବଂ ହାଡ ଶକ୍ତ ହୁଏ
- ଖାଇବା ପରେ ୩୦ ମିନିଟ୍ ଚାଲିବା ଶରୀରର ହଜମ ଶକ୍ତି ବଢାଏ
- ଚାଲିବା ଦ୍ୱାରା ମନ ହାଲକା ହୁଏ, ସୃଜନଶୀଳ ଶକ୍ତି ବୃଦ୍ଧି ପାଏ
- ଚାଲିବା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ରୁହେ, ହୃଦ୍‌ଘାତର ସମ୍ଭାବନା କମ୍ ଥାଏ
- ଚାଲିଲେ ଭବିଷ୍ୟତରେ ଡାଇବେଟିସ ହେବାର ସମ୍ଭାବନା ମଧ୍ୟ କମ୍ ଥାଏ
- ଶରୀରରୁ ମୋଟାପଣ ଦୂର କରିବା ପାଇଁ ଚାଲିବା ନିହାତି ଜରୁରୀ
- ଚାଲିବା ଦ୍ୱାରା ଅଣ୍ଟୁଗଣ୍ଠି ବିନ୍ଧା, ଅଣ୍ଟା ବିନ୍ଧାରୁ ଉପଶମ ମିଳେ
- ଘାସ ଉପରେ ଖାଲି ପାଦରେ ଚାଲିଲେ ସୁଖ ନିଦ୍ରା, ମାନସିକ ଶାନ୍ତି, ଦୃଷ୍ଟିଶକ୍ତି ଓ ମନୋବଳ ବଢେ ।

# ଏ ସଂସାରରେ ବ୍ରହ୍ମଜ୍ଞାନୀ ସନ୍ଥ ଜନ୍ମନେବା ବିରଳ




ଜଣେ ସନ୍ଥ ଏକ ହଜାର ଅସାଧୁଙ୍କୁ ମଧ୍ୟ ସନ୍ଥ କରିଦେଇପାରେ । କିନ୍ତୁ ଏକ ହଜାର ସଂସାରୀ ମିଶିଲେ ଜଣଙ୍କୁ ମଧ୍ୟ ସନ୍ଥ କରିପାରିବେ ନାହିଁ । ସନ୍ଥ ହେବା ସହଜ କଥା ନୁହେଁ କିମ୍ବା ଏହା ଥଟ୍ଟମଜାର ପ୍ରସଙ୍ଗ ନୁହେଁ । ଜଣେ ସନ୍ଥ ଅନେକ ମୋହଗ୍ରସ୍ତ ମନୁଷ୍ୟଙ୍କର ଉଦ୍ଧାର କରିପାରେ । ପାପୀ ମନୁଷ୍ୟଙ୍କ ହୃଦୟ ପରିବର୍ତ୍ତନ କରି ସେମାନଙ୍କୁ ପୁଣ୍ୟବନ୍ତ କରିପାରେ । ଅଭାଗାଙ୍କ ଭାଗ୍ୟ ସୁଧାରିପାରେ । ନାସ୍ତିକଙ୍କୁ ଆସ୍ତିକ କରିପାରେ । ଅଭକ୍ତଙ୍କୁ ଭକ୍ତରେ ପରିଣତ କରିଦେଇପାରେ । ଦୁଃଖୀଲୋକଙ୍କୁ ଶାନ୍ତି ଦେଇପାରେ ଏବଂ ଶାନ୍ତ ଲୋକଙ୍କୁ ପରମାନନ୍ଦର ଅନୁଭୂତି କରାଇପାରେ । ଥରେ ରାଜା ସୁଷେଣ କୌଣସି ଏକ ସ୍ଥାନକୁ ନୌକାରେ ଯାଉଥିଲେ । ରାଜାଙ୍କ ସହ ଥିଲେ ତାଙ୍କର ଏକମାତ୍ର ପୁତ୍ର, ରାଣୀ ଏବଂ ଗୁରୁ ମହାରାଜ । ଯାତ୍ରା କରିବା ସମୟରେ ହଠାତ୍ ଝଡ଼ ଆସିଲା । ସେମାନେ ବସିଥିବା ନୌକା ବୁଡ଼ିବା ସ୍ଥିତିକୁ ଆସିଯାଇଥିଲା । ସମସ୍ତଙ୍କ ପ୍ରାଣ ସଂକଟରେ ପଡ଼ିଗଲା । ରାଜା ସୁଷେଣ ଖୁବ୍ ଜୋର୍‌ରେ ଚିଲ୍ଲାଇବାକୁ ଲାଗିଲେ- "ବଞ୍ଚାଅ... ଗୁରୁ ମହାରାଜଙ୍କୁ ବଞ୍ଚାଅ... ଆଉ କିଛି ନହେଲା ନାହିଁ, କେବଳ ଗୁରୁ ମହାରାଜଙ୍କୁ ବଞ୍ଚାଅ... ।" ରାଜା ବାରମ୍ବାର ଏହି ଚିତ୍କାର ଦୋହରାଇବାକୁ ଲାଗିଲେ । ଥରେ ବି ହେଲେ ନିଜକୁ, ରାଜକୁମାରଙ୍କୁ କିମ୍ବା ରାଣୀଙ୍କୁ ବଞ୍ଚାଇବା ଲାଗି କହିଲେ ନାହିଁ । ସୌଭାଗ୍ୟକୁ ନୌକା କୂଳରେ ଲାଗିଗଲା । ନୌକା ଚଳାଉଥିବା ନାବିକ ପଚାରିଲା, ମହାରାଜ ! ଆପଣ ନିଜକୁ, ରାଣୀଙ୍କୁ ଏବଂ ରାଜକୁମାରଙ୍କୁ ବଞ୍ଚାଇବା ଲାଗି ଥରେ ହେଲେ ବି କାହିଁକି କହିଲେନି ? କେବଳ ଗୁରୁଜୀଙ୍କୁ ବଞ୍ଚାଅ... ବୋଲି ବାରମ୍ବାର କାହିଁକି କହୁଥିଲେ ? ରାଜା କହିଲେ, ମୋ ଭଳି ଅନେକ ରାଜା ମିଳିଯିବେ । ମୋ ପରେ ସେମାନେ ରାଜଗାଦିରେ ବସିଯିବେ । ରାଣୀ ଏବଂ ଉତ୍ତରାଧିକାରୀ ମଧ୍ୟ ମିଳିଯିବେ । କିନ୍ତୁ ହଜାର ହଜାର ପ୍ରଜାଙ୍କ ହୃଦୟରେ ରହୁଥିବା ବ୍ରହ୍ମଜ୍ଞାନୀ ସନ୍ଥ ରାଜଗୁରୁଙ୍କର କିଛି ହୋଇଯାଇଥିଲେ ନାନା ସମସ୍ୟା ଉପୁଜିଥାଆନ୍ତା । ସେଥିପାଇଁ ମୁଁ ଗୁରୁବରଙ୍କୁ ବଞ୍ଚାଇବା ଲାଗି କହୁଥିଲି । ରାଜା ସନ୍ଥଙ୍କ ମହିମା ଜାଣିଥିଲେ । ସନ୍ଥଙ୍କ ବାଣୀରେ ଲୋକଙ୍କୁ ଶାନ୍ତି ଲାଭ ହୋଇଥାଏ । ସନ୍ଥଙ୍କ ଦର୍ଶନ ଦ୍ୱାରା ସମାଜରେ ପୁଣ୍ୟର ଭାର ବୃଦ୍ଧି ପାଇଥାଏ । ସେମାନେ ସାଧାରଣ ମନୁଷ୍ୟ ଭଳି ଦିଶୁଥିଲେ ବି ମହାପୁରୁଷଙ୍କ ଭଳି ମହାନ କାର୍ଯ୍ୟ କରିଥାନ୍ତି । ବ୍ରହ୍ମଜ୍ଞାତା ସନ୍ଥଙ୍କ ଆଦର କରିବା ଦ୍ୱାରା ମାନବ ସମାଜର କଲ୍ୟାଣ ହୋଇଥାଏ । ଜ୍ଞାନର ଆଦର ଦ୍ୱାରା ବାସ୍ତବିକ ବିକାଶ ସମ୍ଭବ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ସଂସାରରେ ବ୍ରହ୍ମଜ୍ଞାନୀ ସନ୍ଥ ଜନ୍ମନେବା ବିରଳ । ସମୟ ବ୍ୟବଧାନରେ ଈଶ୍ୱରଙ୍କ ସତ୍ତା ଧାରଣ କରି ଏଭଳି ସନ୍ଥ ଜନ୍ମ ନେଇଥାନ୍ତି । ସମାଜରେ ସନ୍ଥଙ୍କ ଭଳି ଦିଶୁଥିବା କିମ୍ବା ସନ୍ଥ ହେବାର ଅଭିନୟ କରୁଥିବା ଅନେକ ଲୋକ ତ' ମିଳିଯିବେ । କିନ୍ତୁ ସମସ୍ତେ ଯେ ସନ୍ଥଙ୍କ ଭଳି ଆଚରଣ କରୁଥିବେ ତାହା ଭାବିବା ଭୁଲ ।






ସନ୍ଥଙ୍କ ବାଣୀରେ ଲୋକଙ୍କୁ ଶାନ୍ତି ଲାଭ ହୋଇଥାଏ । ସନ୍ଥଙ୍କ ଦର୍ଶନ ଦ୍ୱାରା ସମାଜରେ ପୁଣ୍ୟର ଭାର ବୃଦ୍ଧି ପାଇଥାଏ । ସେମାନେ ସାଧାରଣ ମନୁଷ୍ୟ ଭଳି ଦିଶୁଥିଲେ ବି ମହାପୁରୁଷଙ୍କ ଭଳି ମହାନ କାର୍ଯ୍ୟ କରିଥାନ୍ତି ।

# ମାନବ ସେବା ହିଁ ମାଧବ ସେବା



ଥରେ ଜଣେ ସାଧୁ ସ୍ୱପ୍ନ ଦେଖିଲେ । ତାଙ୍କ ସ୍ୱପ୍ନରେ ଜଣେ ଦେବଦୂତ ଆସିଛନ୍ତି । ଦେବଦୂତଙ୍କୁ ହାତରେ ଏକ ସୂଚୀ ରହିଛି । ସେଥିରେ କିଛି ଲୋକଙ୍କ ନାମ ଲେଖାଯାଇଛି । ସନ୍ଥ ପଚାରିଲେ, "ମହାଭାଗ ! ଆପଣଙ୍କ ହାତରେ କି ସୂଚୀ ରହିଛି, ସେଥିରେ କାହା ନାମ ଲେଖାଯାଇଛି । ଦେବଦୂତ କହିଲେ, "ଏଥିରେ ସେହି ଲୋକମାନଙ୍କ ନାମ ଅଛି, ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ।" ସନ୍ଥ କହିଲେ, "ତା'ହେଲେ ଏହି ସୂଚୀରେ ନିଶ୍ଚୟ ମୋ ନାମ ରହିଥିବ ।" ଦେବଦୂତ ମନା କଲେ । ସନ୍ଥଙ୍କ ମନ ଉଦାସ ହୋଇଗଲା । ସେ ଦେବଦୂତଙ୍କୁ କହିଲେ, "ମୁଁ ତ' ଭଗବାନଙ୍କୁ ଭଲ ପାଏ । ତାଙ୍କୁ ପୂଜା କରେ । ଦିନ ସାରା ଦୁଃଖୀ ଦରିଦ୍ରଙ୍କ ସେବା କରିବା ପରେ ଯେଉଁ ସମୟ ମିଳେ, ସେଥିରେ ମୁଁ ଭଗବାନଙ୍କ ଉପାସନା କରେ" । ସନ୍ଥଙ୍କ ନିଦ୍ରା ଭଙ୍ଗ ହେଲା । ପରଦିନ ସକାଳେ ଜଣେ ବନ୍ଧୁଙ୍କୁ ଭେଟିବା ବେଳେ ସନ୍ଥ କହିଲେ, "ହୁଏତ ଜନସେବା ଓ ଭଗବାନଙ୍କ ଉପାସନାରେ କେଉଁଠି ତ୍ରୁଟି ରହିଯାଇଛି ।" ବନ୍ଧୁଜଣକ ଏହାର କାରଣ ପଚାରିବା ପରେ ସନ୍ଥ ପୂର୍ବ ରାତିର ସ୍ୱପ୍ନ କଥା କହିଲେ । ପରଦିନ ସନ୍ଥଙ୍କ ସ୍ୱପ୍ନରେ ପୁଣି ସେଇ ଦେବଦୂତ ଆସିଥିଲେ । ଏଥର ତାଙ୍କ ହାତରେ ଆଉ କିଛି ଲୋକଙ୍କ ନାମ ତାଲିକା ରହିଥିଲା । ସନ୍ଥ ପଚାରିଲେ "ଏଥିରେ କେଉଁମାନଙ୍କ ନାମ ଅଛି" ? ଦେବଦୂତ କହିଲେ, "ଈଶ୍ୱର ଯେଉଁମାନଙ୍କୁ ଭଲ ପାଆନ୍ତି" । ସନ୍ଥ କହିଲେ, "ତା'ହେଲେ ନାମସୂଚୀକୁ ନେଇ ସେହି ଲୋକମାନଙ୍କ ପାଖକୁ ଯାଆନ୍ତୁ, ମୋ ପାଖକୁ କାହିଁକି ଆସିଛନ୍ତି ।" ଦେବଦୂତ କହିଲେ, "ଏହି ତାଲିକାରେ ଆପଣଙ୍କ ନାମ ସବା ଉପରେ ଅଛି ।" ଏଥର ଦେବଦୂତ କହିଲେ, "ଭଗବାନଙ୍କୁ ଭଲ ପାଇବା ଲୋକ ତ' ଅନେକ ଅଛନ୍ତି, ହେଲେ ଭଗବାନ ସେହିମାନଙ୍କୁ ଭଲ ପାଆନ୍ତି, ଯେଉଁମାନେ ପୂଜାପାଠରେ ଅଧିକ ସମୟ ଅପଚୟ ନ କରି ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରିଥାନ୍ତି ।



# ଶ୍ରୀରାମଙ୍କୁ ଦର୍ଶନ

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଏକ ଅପୂର୍ବ ପୌରାଣିକ ଘଟଣାକୁ ବେଶ୍ ଚମତ୍କାର ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ଭଗବାନ ଶିବ ଏବଂ ଭଗବାନ ବିଷ୍ଣୁ ଏକ ତଥା ଅଭିନ୍ନ । ଦୁହିଁଙ୍କ ମଧ୍ୟରେ ଥିବା ଘନିଷ୍ଠତାକୁ ପ୍ରମାଣିତ କରିବାକୁ ଯାଇ ତୁଳସୀ ଦାସ ଏକ ଘଟଣାର ବର୍ଣ୍ଣନା କରିଛନ୍ତି । ତ୍ରେତୟା ଯୁଗରେ ଭଗବାନ ବିଷ୍ଣୁ ଅଯୋଧ୍ୟାରେ ମାନବ ଅବତାର ନେଇଥିଲେ । ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ଔରସରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ହେବ। ଏହି ଖବର ପାଇବା ପରେ ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଶିବଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା । ପରମଭକ୍ତ କାକଭୁଶୁଣ୍ଡିଙ୍କୁ ସାଥୀରେ ନେଇ ଅଯୋଧ୍ୟା ଯିବାକୁ ମନସ୍ଥ କଲେ ଓ ଜ୍ୟୋତିଷ ରୂପରେ ଅଯୋଧ୍ୟା ନଗରୀରେ ପ୍ରବେଶ କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରିବା ପରେ ସେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସିପଡ଼ିଲେ । ଅନ୍ୟପଟେ ଅଯୋଧ୍ୟାକୁ ଜଣେ ସିଦ୍ଧ ଜ୍ୟୋତିଷ ଆସିଥିବା କାକଭୁଶୁଣ୍ଡି ପ୍ରଚାର କରିଦେଲେ । ଖବର ପାଇ ବହୁଲୋକ ସେହି ସିଦ୍ଧ ଜ୍ୟୋତିଷଙ୍କ ନିକଟକୁ ଆସି ପରାମର୍ଶ ନେଲେ । ଖବର ତୁରନ୍ତ ରାଜମହଲରେ ପହଞ୍ଚିଗଲା । ଜ୍ୟୋତିଷ ରୂପୀ ଶିବ ଏବଂ କାକଭୁଶୁଣ୍ଡିଙ୍କୁ ରାଜମହଲରୁ ନିମନ୍ତ୍ରଣ ଆସିଲା । ରାଜମହଲରେ ପହଞ୍ଚିବା ପରେ ଜ୍ୟୋତିଷଙ୍କୁ ସମ୍ମାନପୂର୍ବକ ବସିବାକୁ କୁହାଗଲା । ଶେଷରେ ମାତା କୌଶଲ୍ୟାଙ୍କ ଗର୍ଭରେ ଶ୍ରୀରାମଙ୍କ ଦର୍ଶନ କରି ଭଗବାନ ଶିବ ଅତ୍ୟନ୍ତ ପ୍ରସନ୍ନ ହେଲେ । ଏହି ସମୟରେ ତାଙ୍କ ମୁଖରୁ ବାହାରିଥିବା ଅମୃତ ଶବ୍ଦକୁ ବର୍ଣ୍ଣନା କରି ତୁଳସୀ ଦାସ ଲେଖିଛନ୍ତି- 'ବ୍ୟାପକ ବ୍ରହ୍ମ ନିରଞ୍ଜନ ନିର୍ଗୁଣ ବିଗତ ବିନୋଦ ।'

## ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣିରେ ୯ ଅଭିଯୋଗ

ହିଞ୍ଜିଳିକାଟୁ,(ନି.ପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଶାସନ ଆମ୍ବଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀ ଅଧକ୍ଷତାରେ ଆୟୋଜିତ ଶିବିରରେ ସରପଞ୍ଚ ଦନାର୍ଦ୍ଦନ ସେଠୀ, ବ୍ଲକ ଉପାଧ୍ୟକ୍ଷ,ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା ଓ ହିଞ୍ଜିଳି ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀନିବାସ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ରାଜସ୍ୱ ସେବାରେ ୨, ରାସନ୍ କାର୍ଡ ୧, ଶିକ୍ଷା ପାଇଁ ୨, ମନରେଗା ଯୋଜନା ୧, ପାନୀୟ ଜଳ ଯୋଗାଣ ପାଇଁ ୧ ଆଦି ଯୋଜନାରେ ସମୁଦାୟ ୯ ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଏବିଡିଓ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି.ରବି କୁମାର,ସିଡ଼ିପିଓ ବିଜୟାଲକ୍ଷ୍ମୀ ପାଢ଼ୀ, ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ମିଥୁନ ସେଠୀ,ସାମାଜିକ ସୁରକ୍ଷା ନିରାପତ୍ତା ଅଧିକାରୀ ବନଶ୍ରୀ ଦାଶ, ଓଏଏଲ୍ଏମ ରୁ ସି.ରବିନ୍ଦ୍ର ପାତ୍ର କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଅନୀଲ କୁମାର ପ୍ରଧାନଙ୍କ ସମେତ ଆବେଦନକାରୀ, ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

## ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଉତ୍ସବ



ଚାରିଛକ,(ନିପ୍ର): ପୁରୀ ଜିଲ୍ଲା ଚାରିଛକସ୍ଥିତ ପ୍ରାଚୀ ସାହିତ୍ୟ ସଂସଦ ତରଫରୁ ଆଜି ତୁଳସୀପୁର ଜୟଦୁର୍ଗା କଲ୍ୟାଣ ମଣ୍ଡପ ପରିସରରେ ପ୍ରତିଭା ସମ୍ମାନ ଉତ୍ସବ ସମାରୋହ - ୨୦୨୬ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ ,ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର ,ଶିକ୍ଷାବିତ ଆଶିଷ କୁମାର ମହାପାତ୍ର ,ବରିଷ୍ଠ ଆଇନଜୀବୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟ ସଂସଦର ଏଭଳି ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ । ଏହି ଅବସରରେ ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ୧୫ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ ଗୀତା ନାରାୟଣ ଆଧାତ୍ମିକ ପରିବାର ଟ୍ରଷ୍ଟ ଓଡ଼ିଶା ତରଫରୁ ପ୍ରତ୍ୟେକ ପ୍ରତିଭାଧାରୀ ଛାତ୍ରଛାତ୍ରୀଙ୍କୁ ଜୀବନର ଅମୂଲ୍ୟ ଗ୍ରନ୍ଥ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା ।

## ରାମଦୟା ପରିଷଦ ନିରାକାରପୁର ପକ୍ଷରୁ ସ୍ମୃତି ଚାରଣ ସଭା

ନିରାକାରପୁର ,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ଅଗ୍ରଣୀ ଧର୍ମାନୁଷ୍ଠାନ ରାମଦୟା ପରିଷଦ ପକ୍ଷରୁ ସ୍ୱର୍ଗତ କେଦାରେଶ୍ୱର ପାଣ୍ଡିତରାୟଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମାରୁତି ମଣ୍ଡପରେ ଏକ ସ୍ମୃତି ଚାରଣ ସଭା ହୋଇଯାଇଛି । ସେ ରାମଦୟା ପରିଷଦର ୧୯୮୬ ମସିହାରୁ ଜଣେ ଶୃଙ୍ଖଳିତ ସଭ୍ୟ ସହ କାର୍ଯ୍ୟକାରୀ ସଭ୍ୟ ଭାବେ ମଧ କାର୍ଯ୍ୟ କରିଛନ୍ତି । ସେ ମଧ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ବଡ଼ବାବୁ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ଭୁବନେଶ୍ୱର ସ୍ଥିତ ଘରୋଇ ନୀଳାଚଳ ହସ୍ପିଟାଲରେ ମସ୍ତିଷ୍କାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ହେଉଥିବା ବେଳେ ଡାକ୍ତର ତାଙ୍କୁ ଗତକାଲି ସନ୍ଧ୍ୟାରେ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ରାମଦୟା ପରିଷଦ ଉପ ସଭାପତି ସତ୍ୟବାଦୀ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଲକ୍ଷ୍ମୀଧର ଦଳେଇ, ରମାନାଥ ଦାସ, ଦୀପକ ପ୍ରଧାନ, ରବୀନ୍ଦ୍ର ପାହାଡ଼ାସିଂ,ପ୍ରକାଶ ଚନ୍ଦ୍ର ଦାଶ,ବିହାରୀ ଚରଣ ସାହୁ, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାଣ୍ଡିତରାୟ ଙ୍କ ଦୁଇ ମିନିଟ ନିରବ ପାର୍ଥନା କରିବା ପରେ ପରିଷଦ ପ୍ରତି ଥିବା ତାଙ୍କର ୪୦ ବର୍ଷର ନିଷ୍ଠାପର କାର୍ଯ୍ୟ ସମ୍ପର୍କୀୟ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ ।

## ଭୀୟୁସ୍ ଅନୁଷ୍ଠାନ ପକ୍ଷରୁ 'ଲିଟଲ୍ ଟିଚର' ପ୍ରଶିକ୍ଷଣ

ରମ୍ଭା (ନିପ୍ର): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେ ଅନ୍ତର୍ଜାତୀୟ ସ୍ତରୀୟ ସାମାଜିକ ସଂଗଠନ ଭିୟୁସ୍ ପକ୍ଷରୁ ଡ଼ିଜିଟାଲ୍ ଲିଟେରେଶି କେନ୍ଦ୍ର ପରିସରରେ ସ୍ଥାନୀୟ ଅଞ୍ଚଳର କିଶୋର କିଶୋରୀ ମାନଙ୍କୁ ଲିଟିଲ୍ ଟିଚର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନ କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନ କେତେ ମହତ୍ତ୍ୱ ପୌରାଣିକ ତଥ୍ୟ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଅନ୍ୟତମ ଅତିଥି ଭାବେ ତଥା ପ୍ରଶିକ୍ଷକ ଭାବେ ଯୁବ ସଂଗଠକ ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡି ବିଭିନ୍ନ ଗୋଷ୍ଠି ଭିତ୍ତିକ କ୍ରୀଡା ଓ ସଙ୍ଗୀତ ଦ୍ୱାରା ଉତ୍ସାହିତ କରିବା ସହ ଜୀବନରେ ପ୍ରତି ମୁହୂର୍ତ୍ତରେ ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନ ପ୍ରକ୍ରିୟା ଚାଲିଥାଏ ।

## ଟାଙ୍ଗୋଳ ମା' ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ

# ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ପାରମ୍ପରିକ ଖେଳରେ କମ୍ପିଲା ମଞ୍ଚ



ନିରାକାରପୁର,(ନିପ୍ର):ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଟାଙ୍ଗୋଳ ସ୍ଥିତ ମା' ଉଗ୍ରତାରା ପୀଠଠାରେ ଅନୁଷ୍ଠିତ ହେଉଥିବା ତିନିଦିନିଆ ରଜ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ବେଶ୍ ଧୂମଧାମ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ମହୋତ୍ସବର ଶେଷ ଦିବସରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଅଭୂତପୂର୍ବ ଭିଡ଼ ଜମିଥିଲା । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସନ୍ତୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମାଜସେବୀ ସନ୍ତୋଷ କୁମାର ନାୟକ ଯୋଗଦେଇ ରଜ ପର୍ବର ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଏଭଳି ଗଣପର୍ବ ଆମ ଓଡ଼ିଆ ପରମ୍ପରାକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।ଏହା ସହିତ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବୀରେଶ ରାଜଗୁରୁ, ଅରକ୍ଷିତ ନାୟକ, ଭାଗୀରଥି ବେହେରା ଓ ଗନ୍ଧର୍ବ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ଏହି ମହୋତ୍ସବର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ ।ମହୋତ୍ସବ ଅବସରରେ ଓଡ଼ିଶାର ହଜିଯାଉଥିବା ପାରମ୍ପରିକ ଖେଳକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ପୁଚି, ଝୋଟି, ତାସ, ରଜ ଦୋଳି (ରଜ ଡିଆଁ),ଦଉଡ଼ି ଦିଆଁ ଓ ବାଡ଼ି ଖେଳ ଭଳି ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ସମସ୍ତ ପ୍ରତିଯୋଗିତାରେ ଅଞ୍ଚଳର ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ କୃତୀ ପ୍ରତିଯୋଗୀ ଓ କୋମଳମତି ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇ ଉତ୍ସାହିତ କରାଯାଇଥିଲା ।

## 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଭଦ୍ରକ,(ନିପ୍ର): ଭଦ୍ରକ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଆଜି "ବିକାଶର ଧାରା, ଓଡ଼ିଶା ସାରା" ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ. ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟ ଘର, ଭିତ୍ତିଭୂମି ବିକାଶ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା । ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲକ୍ଷପତି ଦିଦି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ ।

# ସରିଲା ତ୍ରିଦିବସୀୟ ନବମ ରଜ ଉତ୍ସବ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ମାଟିର ଅନ୍ୟତମ କଳା କ୍ଷେତ୍ର ତଥା ଐତିହ ସଂପନ୍ନ ଗ୍ରାମ ବିଷ୍ଣୁପୁର ଗ୍ରାମରେ ତ୍ରିଦିବସୀୟ ନବମ ରଜ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ରଂଜନ ଦାଶଙ୍କ ଧର୍ମପତ୍ନୀ ଶିକ୍ଷାବିତ୍ ସଂଗୀତା ଦାଶ, ଉତ୍ସବ କମିଟି ସଭାପତି ସୀମନ୍ତ ଶେଖର ରଥ, ଭିଲ୍ଲିଗ୍ରାମ ଗ୍ରା.ପ. ସରପଞ୍ଚ ଅରବିନ୍ଦ ମଳିକ, କମିଟି ସଂପାଦକ ରବୀନ୍ଦ୍ର ନାଥ ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ ଦିବସରେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ନେଇ ହୁଳହୁଳି, ଏକକ ଅଭିନୟ, ଢ଼ଗ ଢ଼ମାଳି, ଶଙ୍ଖ ବାଦନ, କାନ୍ଦଣା, ରଙ୍ଗୋଲି, ଝୋଟି, କଣ୍ଠ ସଂଗୀତ ଆଦି ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନିକଟବର୍ତୀ ଗ୍ରାମର ଅନେକ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ହୁଳହୁଳି ଓ ଶଙ୍ଖ ଧ୍ୱନି ଦ୍ୱାରା ପ୍ରକମ୍ପିତ ହୋଇ ଉଠିଥିଲା । ବିଦ୍ୟାଧର ଭୋଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଶେଷ ଦିବସରେ ପୂର୍ବତନ ମନ୍ତ୍ରୀ ସମୀର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରଜ ଏକ ଗଣପର୍ବ ଏବଂ ନିମାପଡ଼ାବାସୀଙ୍କ ମଧ୍ୟରେ କଳା, ସଂସ୍କୃତି ଭରି ରହିଛି ବୋଲି ମତବ୍ୟକ୍ତ କରି ଆଗାମୀ ଦିନରେ ଲୁକାୟିତ ପ୍ରତିଭାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଘୋଷଣା କରିଥିଲେ । ଶିକ୍ଷାବିତ୍ ସଂଗୀତା ଦାଶ, ଉପ-ନଗରପାଳ ସନ୍ତୋଷ ଦାଶ, କମିଟି ମୁଖ୍ୟ ନିହାର ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ଗୋପିନାଥ କର, ନିମାପଡ଼ା ପଞ୍ଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷ ସୁଧୀର ଦାଶ, ପୂର୍ବତନ ବିଧାୟକ ବାଇଧର ମଳିକ ପ୍ରମୁଖ ଯୋଗ ଦେଇ ଉତ୍ସବ ଦ୍ୱାରା ପରସ୍ପର ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବା ସାଙ୍ଗକୁ ଅଂଚଳର ପ୍ରତିଭାଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ ନିମନ୍ତେ ସୁଯୋଗ ଆଣି ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ ।

# ବାମରାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏହାକୁ ପରିଚାଳନା କରିଥିଲେ । ଶିବିରରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ, ଜିଲ୍ଲାପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ,ବାମରା ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ଧୂରୁଆ, କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାଶ,ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ତହସିଲଦାର ବିଶାଳ ପଟେଲ, ବନ୍ୟପ୍ରାଣୀ ଏସିଏଫ ଆଲୋକ ଷଡଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୧୧୮ ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୮୬ଟି ବ୍ୟକ୍ତିଗତ ଓ ୩୨ଟି ଗୋଷ୍ଠିଗତ ଅଭିଯୋଗ ଆସିଥିଲା । ଅଧିକାଂଶ ଅଭିଯୋଗ ଜମିବାଡି,ଭତ୍ତା, ରାସ୍ତାଘାଟ,ପାନୀୟ ଜଳ,ପ୍ରଧାନମନ୍ତ୍ରୀ ଆବାସ ଗୃହ ସମ୍ପର୍କୀତ ଥିଲା । ସିଡିଓ ପାତ୍ର ଏହାର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର ସେକ୍ସନ ଅଫିସର ଜୟମଙ୍ଗଳ ସେଠ,ସରୋଜ କିସାନ, ସଞ୍ଜୟ ରାଉତ, ପ୍ରିୟଙ୍କା ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ସାଇକେଲ ଯାତ୍ରା

# ୭ ରାଜ୍ୟରୁ ଯାତ୍ରା ସାରି ଫେରିଲେ ଶୁଭମ୍ ବାରିକ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରିମୁଣ୍ଡା ଗ୍ରାମର ଶୁଭମ ବାରିକ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଏପ୍ରିଲ ୬ ତାରିଖରୁ କୁଚିଣ୍ଡା ବସଷ୍ଟାଣ୍ଡରୁ ସାଇକେଲ ଯାତ୍ରା ଆରମ୍ଭ କରି ୭ଟି ରାଜ୍ୟ ପରିକ୍ରମା ପରେ ମଙ୍ଗଳବାର ସେ ନିଜ ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ ଓଡ଼ିଶାରୁ ଉତ୍ତର ପୂର୍ବ ଭାରତ ସାଇକେଲରେ ୭ ରାଜ୍ୟକୁ ଯାତ୍ରି କରି ସ୍କୁଲ,କଲେଜ ଓ ସେଠାକାର ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ । ବାରିକ ଓଡ଼ିଶାର କୁଚିଣ୍ଡାରୁ ଯାତ୍ରା ଆରମ୍ଭ କରି ପଡୋଶୀ ରାଜ୍ୟ ଝାରଖଣ୍ଡ,ବିହାର,ପଶ୍ଚିମବଙ୍ଗ, ଆସାମ,ସିକିମ ଅରୁଣାଞ୍ଚଳ ପ୍ରଦେଶ,ମେଘାଳୟରୁ ବାଂଲାଦେଶ ବୋର୍ଡର ଦେଇ ଯାତ୍ରା କରିଥିଲେ । ୭୦ ଦିନରେ ପ୍ରାୟ ପାଞ୍ଚ ହଜାର କିଲୋମିଟର ସାଇକେଲ ଯାତ୍ରା କରିଥିଲେ । ମଙ୍ଗଳବାର ଫେରିବା ପରେ ପୁରୁଣା ବସଷ୍ଟାଣ୍ଡରେ ସ୍ଥାନୀୟ ଯୁବକମାନେ ଶୁଭମ ବାରିକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ରିଙ୍କୁ କୁସୁମ,ବିଜୁ ସାହୁ,ଚତୁର୍ଭୁଜ ଜୟପୁରିଆ,ସିଲୁ ସୁନାନୀ,ମଳୟ କୁସୁମ,ସୁଭମ ସାହୁ,ସ୍ୱରାଜ ପଟେଲ,ଦିପେନ ଛତ୍ରିଆ, ଶୁଭମ ସାହୁଙ୍କ ସମେତ କୁଚିଣ୍ଡା କ୍ରିଏଟର ଗ୍ରୁପର ସଦସ୍ୟ ମାନେ ଏହି ଶୁଭେଚ୍ଛା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।



ଭୁବନେଶ୍ୱର: ଡିଖିରି ସରପଞ୍ଚ ଚାମେଲିଙ୍କୁ ନିର୍ଯ୍ୟାତନା ନେଇ ସେବା ପ୍ରତିନିଧିର ପ୍ରତିବାଦ ।

## ବିଶ୍ୱ କର୍ଦ୍ଦମ ଦିବସ: ଦେହରେ କାଦୁଅ ବୋଳି ହୋଇ ଦେଲେ ସଚେତନତାର ବାର୍ତ୍ତା

କଟକ,(ନିପ୍ର) : ମାଟି ଆମର ମା' ଓ ଜଳ ଆମର ଜୀବନ । ଉଭୟଙ୍କର ଉପସ୍ଥିତି ବିନା ଆମ ଜୀବନ ଧାରଣ ଅସମ୍ଭବ । ଆଉ ପବନ ଟିକିଏ ନ ହେଲେ ଏ ସବୁ ମୂଲ୍ୟହୀନ । ଏହି ମାଟି, ପାଣି, ପବନର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ 'ବିଶ୍ୱ କର୍ଦ୍ଦମ ଦିବସ'ର ପରିକଳ୍ପନା କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପ୍ରକୃତିପ୍ରେମୀମାନେ ମାଟି, ପାଣି, ପବନର ସୁରକ୍ଷା ନିମିତ୍ତ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱ କର୍ଦ୍ଦମ ଦିବସ ପାଳନ କରିଛନ୍ତି । ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟକୁ ଦେଖିବାକୁ ଗଲେ ୧୬ ଜୁନ୍ ୧୯୭୨ ମସିହାରେ, ସ୍ୱିଡେନ୍‌ର ଷ୍ଟକହୋମ୍‌ଠାରେ ଅନୁଷ୍ଠିତ ଜାତିସଂଘ ମାନବ ପରିବେଶ ସମ୍ମିଳନୀର ଉପସଂହାରରେ ଉପନୀତ ହୋଇଥିଲା । ସଂଯୋଗ ବଶତଃ ଏହା ଓଡ଼ିଶାର ରଜ ପର୍ବର ତୃତୀୟ ଦିବସ ଦିନ ପାଳନ ହୁଏ, ଯାହା ମାଟି ମାଆକୁ ସମ୍ମାନ ଦେବାର ଏକ ଅବସର । ସଂପ୍ରତି ସମଗ୍ର ବିଶ୍ୱ ଏଲନିନୋ ଭଳି ତାପମାତ୍ରା ବୃଦ୍ଧି ଜନିତ ସମସ୍ୟାରେ ଜର୍ଜରିତ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବିକାଶ ମୂଳକ ପ୍ରକଳ୍ପ ନାଁରେ ଗଛ କଟାଯିବା ସହିତ ମାଟି, ପାଣି ଓ ପବନକୁ ପ୍ରଦୂଷିତ କରାଯାଉଛି । ଏହାକୁ ବିରୋଧ କରି ଅଂଶଗ୍ରହଣକାରୀମାନେ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ପରେ ସେମାନେ ଶ୍ୟାମସୁନ୍ଦରପୁର ଗାଁ ଠାରେ ନିଜ ଦେହରେ କାଦୁଅ ବୋଳିହୋଇ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ । ଏହି ଅବସରରେ କାଦୁଅ କେବଳ ଆମ ମାନଙ୍କ ଶରୀର ପାଇଁ ଉପକାରୀ ନୁହେଁ ବରଂ ଆର୍ଦ୍ରଭୂମି ଆମ ପ୍ରକୃତି ଏବଂ ପରିବେଶ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା ।

# ପ୍ରସ୍ତାବରେ ଅଟକିଛି ରାଉତପଡା-ଡିମିରିଆ ମହାନଦୀ ବ୍ୟାରେଜ

## କ୍ୟାବିନେଟ ମଞ୍ଜୁରି ଦାବି କଲା ସାମ୍ବାଦିକ ସଂଘ

ନୟାଗଡ,(ନିପ୍ର): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ନିକଟ ରାଉତପଡାଠାରେ ବହୁ ପ୍ରତିକ୍ଷିତ ମହାନଦୀ ବ୍ୟାରେଜ ନିର୍ମାଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଛି । ଆଜି ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘର ୧୫ଜଣିଆ ଟିମ ରାଉତପଡା ଗସ୍ତ କରି ଏହି ପ୍ରସ୍ତାବିତ ମହାନଦୀ ବ୍ୟାରେଜସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ବଡ କଥା ହେଲା ଏହି ବ୍ୟାରେଜ ପାଇଁ ଆର୍ଥିକ ଅନୁଦାନ ଆସିଥିଲେ ବି କ୍ୟାବିନେଟ ମଞ୍ଜୁରୀ ନମିଳିବାରୁ ଏହା ହୋଇପାରୁନାହିଁ । ତେଣୁ କ୍ୟାବିନେଟ ମଞ୍ଜୁରୀ ତୁରନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସଂଘ ଦାବି କରିଛି । ନୟାଗଡ ଜିଲ୍ଲା ଏକ କୃଷି ପ୍ରଧାନ ଅଞ୍ଚଳ । ଧାନ ଓ ଆଖୁ ଏଠାକାର ପ୍ରମୁଖ କୃଷି ଜାତ ଦ୍ରବ୍ୟ ହୋଇଥିଲେ ବି ଅନ୍ୟାନ୍ୟ ପରିବା ଚାଷରେ ଏହି ଜିଲ୍ଲା ଅଗ୍ରଣୀ ଲାଭ କରିଛି । କିନ୍ତୁ ଜିଲ୍ଲାରେ ବହୁ ବଡ ବଡ ନଦୀ ପ୍ରବାହିତ ହେଉଥିଲେ ବି ଜଳସେଚନର ସେଭଳି ସୁବିଧା ନାହିଁ । ବିଶେଷ କରି ଓଡ଼ିଶାର ବଡନଦୀ ମହାନଦୀ ଏହି ଜିଲ୍ଲା ଦେଇ ପ୍ରବାହିତ ହେଉଥିଲେ ବି ମହାନଦୀର ପାଣି ଉପଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ମହାନଦୀରେ ଜଳଥାଇ ମଧ କୃଷି ପ୍ରଧାନ ନୟାଗଡ ଜିଲ୍ଲା ଜଳସେଚନରୁ ବଞ୍ଚିତ ହୋଇଛି । ପୂର୍ବରୁ ମଣିଭଦ୍ରା ବ୍ୟାରେଜ ଓ ପଦ୍ମାବତୀ ବ୍ୟାରେଜ ମହାନଦୀରେ ହେବାପାଇଁ ପ୍ରସ୍ତାବ ଥିଲା । କିନ୍ତୁ ସରକାର ପରେ ସରକାର ବଦଳୁଥିଲେ ମଧ ଏହି ପ୍ରସ୍ତାବଗୁଡିକ ୬୦ ବର୍ଷ ଧରି କେବଳ ପ୍ରସ୍ତାବରେ ହିଁ ରହି ଆସିଛି । ରାଉତପଡା, ସୁବଳୟା ଓ ଡିମିରିଆ ମହାନଦୀ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପତ୍ରାଙ୍କ ନଂ. ୧୬୨୫୭ ତା ୧-୬-୨୦୨୬ ଅନୁସାରେ ୧୫୧୬ କୋଟି ୪୩ ଲକ୍ଷ ଟଙ୍କା ଅର୍ଥ ବିଭାଗ ଅନୁମୋଦନ କରିଛନ୍ତି । ରାଉତପଡା ବଡକଳା ନିକଟରେ ଥିବା ପାହାଡ଼ରୁ କଟକ ଜିଲ୍ଲାନରସିଂହପୁର ଡିମିରିଆ ନିକଟ ପାହାଡକୁ ସଂଯୋଗ କରି ଏହି ବ୍ୟାରେଜ ନିର୍ମାଣ କରାଯିବ । ଏହି ବ୍ୟାରେଜ ନିର୍ମାଣ କରାଗଲେ ନୟାଗଡ ଓ କଟକ ଉଭୟ ଜିଲ୍ଲାର ଜମି ଜଳସେଚିତ ହୋଇପାରିବ । ମୁଖ୍ୟତଃ ନୟାଗଡ ଜିଲ୍ଲାର ୮ବ୍ଲକ ଜଳସେଚିତ ହେବା



ସହିତ ମହାନଦୀର ପାଣି ସଂରକ୍ଷଣ କ୍ଷମତା ବୃଦ୍ଧି ପାଇବ । ମହାନଦୀର ପାଣିକୁ ଅଟକାଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ଜଳସେଚିତ କରାଯିବା ସହିତ ପାନୀୟ ଜଳ ଅଭାବରେ ପେଶି ହୋଇଯାଉଥିବା ନୟାଗଡରୁ ପାନୀୟ ଜଳ ସଂକଟକ ଦୂର ହୋଇପାରିବ । ଏହି ବ୍ୟାରେଜ ନିର୍ମାଣ ଦ୍ୱାରା ସାମଗ୍ରୀକ ଭାବେ ନୟାଗଡ ଜିଲ୍ଲାର କୃଷି କ୍ଷେତ୍ରରେ ଏକ ବୈପ୍ଲବିକ ଉନ୍ନତି ହୋଇପାରିବ । ବିଶେଷ ଭାବରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଦଶପଲ୍ଲାଠାରେ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଥିବାବେଳେ ଗଣିଆ ବ୍ଲକର ରାଉତପଡାଠାରେ ଏହି ମହାନଦୀ ବ୍ୟାରେଜ ନିର୍ମାଣ ହେବ । ଏହା ଦ୍ୱାରା ଗଣିଆ ବ୍ଲକର ଅଭୂତପୂର୍ବ ଉନ୍ନତି ହୋଇପାରିବ । ଜିଲ୍ଲାର ସବୁଠାରୁ ଅବହେଳିତ ବ୍ଲକ ଭାବରେ ଗଣିଆ ପରିଗଣିତ । ଜିଲ୍ଲାର ଗଣିଆ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ । କିନ୍ତୁ ଏଠାରେ ମହାନଦୀ ଭଳି ବଡ ନଦୀ ବହି ଯାଉଥିଲେ ବି କୌଣସି ଉପକାରରେ ଲାଗୁନି । ତେଣୁ ଏହି ବ୍ୟାରେଜ ନିର୍ମାଣ କରାଗଲେ ବ୍ୟାପକ ବିକାଶ ଘଟିବ ବୋଲି କୁହାଯାଉଛି । ରାଜ୍ୟ ସରକାର ଏହି ରାଉତପଡା-ଡିମିରିଆ ବ୍ୟାରେଜ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିବାରୁ ଜିଲ୍ଲା ସାମ୍ବାଦିକ ସଂଘ ଓ ଜିଲ୍ଲାର ଜନସାଧାରଣଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଯଥାଶୀଘ୍ର ଏହି ବ୍ୟାରେଜ ନିର୍ମାଣ ପାଇଁ କ୍ୟାବିନେଟ ମଞ୍ଜୁର ଏବଂ ଶିଳାନ୍ୟାସ କରିବା ପାଇଁ ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଦାବି କରିଛନ୍ତି । ସଂଘର ଏହି ୧୫ ଜଣିଆ ଟିମରେ ସଭାପତିଙ୍କ ସହ ସାଧାରଣ ସମ୍ପାଦକ ତଥା ପ୍ରଗତିବାଦୀ ଜିଲ୍ଲା ସାମ୍ବାଦିକ ସୁବାଷ ଚନ୍ଦ୍ର ମହାପାତ୍ର, ଧରିତ୍ରୀ ଜିଲ୍ଲା ସାମ୍ବାଦିକ ଲୋକନାଥ ମିଶ୍ର, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ଗୋକୁଳ ଷଡଙ୍ଗୀ, ବିଭୂତି ପଟ୍ଟନାୟକ, ପ୍ରମେୟର ଜିଲ୍ଲା ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର, ବିଶ୍ୱ ରଂଜନ ସେଠୀ, ଅଖିଳ ପାଣିଗ୍ରାହୀ, କମଳଲୋଚନ ଦଳେଇ ,ଫୋକସ ପ୍ଲସର ବିକ୍ରମ ସ୍ୱାଇଁ, ସମାଜସେବୀ ତଥା ବିଜେପି ନେତା ସନ୍ତୋଷ ପ୍ରଧାନ, ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ମନୋଜ କୁମାର ସାହୁ ପ୍ରମୁଖ ଗସ୍ତ କରିଥିଲେ ।

ତିଥି :(ତୃତୀୟା): (ପୁନର୍ବସୁ ମିଥୁନ )
ଅମୃତ ବେଳା: ଦିବା ଘ ୭।୩୬ ରୁ ଘ ୧୦।୪୮ ମଧ୍ୟେ

## ଆଜିର ଅନୁଚିନ୍ତନ

ବାଣୀମାନଙ୍କ ମଧ୍ୟରେ ମୁଁ ପ୍ରଣବ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବାଂଲାଦେଶ ସହ ସଂପର୍କ

ଶେଖ ହସିନା ଯେବେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଥିଲେ ଭାରତର ସଂପୃକ୍ତ ଦେଶ ସହ ସଂପର୍କ ବେଶ୍ ଭଲ ଥିଲା। ଏପରି ସମୟ ଆସିଲା ପରିଶେଷରେ ହସିନାଙ୍କୁ ଭାରତରେ ଆଶ୍ରୟ ନେବାକୁ ପଡ଼ିଲା। ହସିନାଙ୍କ ପରବର୍ତ୍ତୀ ସମୟରେ ୟୁନୁସଙ୍କ କାମଚଳା ସରକାର ସମୟରେ ଦେଶବିରୋଧୀ ତତ୍ତ୍ୱ ଯେଭଳି ସକ୍ରିୟ ହେଲେ ପରିଣାମରେ ସେଠାରେ ବିଭିନ୍ନ ଆନ୍ଦୋଳନର ସୂତ୍ରପାତ ହେଲା, ଏପରିକି ହିନ୍ଦୁ ବିଦ୍ୱେଷ ନୀତି ଫଳରେ ବହୁ ହିନ୍ଦୁଙ୍କୁ ହତ୍ୟା ସେହି ଦେଶର ସଂକୀର୍ଣ୍ଣ ମାନସିକତାକୁ ପଦାରେ ପକାଇଲା।

ବୋଧହୁଏ ତାରିକ ରହମନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ନଥିଲେ ଏପର୍ଯ୍ୟନ୍ତ ଦେଶରେ ଅରାଜକତା ରାଜୁତି କରୁଥାନ୍ତା।ତେବେ ତାରିକ ପ୍ରଧାନମନ୍ତ୍ରୀ ହେବା ପରଠାରୁ ଭାରତ ସହ ସଂପର୍କରେ ଯେପରି ଉନ୍ନତି ଆଶା କରାଯାଉଥିଲା ତାହା ଏପର୍ଯ୍ୟନ୍ତ ପରିଲକ୍ଷିତ ହୋଇନାହିଁ କି ହେବା ସମ୍ଭାବନା କମ୍ ସେପରି ହିଁ ମନେ ହେଉଛି। କାରଣ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିବା ପରଠାରୁ ସେ ପ୍ରଥମ କରି ମାଲେସିଆ ଗସ୍ତ କରୁଛନ୍ତି ଆଗାମୀ ୨୧ରୁ ୨୨ ତାରିଖ ପର୍ଯ୍ୟନ୍ତ। କାହିଁକି ସେ ମାଲେସିଆକୁ ଗୁରୁତ୍ୱ ଦେଲେ ସେ ସଂପର୍କରେ ବାଂଲାର ଦୃଷ୍ଟିଭଙ୍ଗୀ କିଭଳି ତାହାର ଚିତ୍ର ପରବର୍ତ୍ତୀ ସମୟରେ ଆସିବ। ତେବେ ବାଂଲାଦେଶର ସଂପର୍କ ଚୀନ ସହ ଏବେ ବଢ଼ିଚାଲିଛି। ହୁଏତ ତାହା ଦିନେ ଭାରତ ପାଇଁ ବିପଦର କାରଣ ହୋଇପାରେ। ଏପରି କୁହାଯିବାର କାରଣ ବାଂଲାଦେଶର ଏକାଧିକ ନେତା ଇତି ମଧ୍ୟରେ ଚୀନ ଗସ୍ତ କରିଛନ୍ତି ଏବଂ ଚୀନ ବାଂଲାଦେଶ ଭିତ୍ତିଭୂମି ବିକାଶରେ ପୁଂଜି ନିବେଶ କରିବା ହେଉ କି ତିସ୍ତା ନଦୀ ଆଧାରିତ ପ୍ରକଳ୍ପରେ ସହାୟତା ହେଉ ଏସବୁ ଜାରି ରହିଛି ନିରବଚ୍ଛିନ୍ନ ଭାବରେ। ବିସ୍ତାରବାଦୀ ମାନସିକତା ରଖୁଥିବା ଚୀନ ସହ ବାଂଲା ଦେଶ ସଂପର୍କ ରଖିବା ସହ ଆମେରିକା ସହ ସଂପର୍କ ରକ୍ଷା ଲାଗି ଉଦ୍ୟମରତ । ଯାହା ତିକ୍ତତା ବାଂଲାଦେଶ ସହ ଭାରତର ଥିଲା ୟୁନୁସ ସରକାର ସମୟରେ ତାହା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରଠାରୁ ସୀମା ପରିଚାଳନା ନେଇ ବାଂଲାଦେଶ ଚିନ୍ତାରେ ଥିବା ମନେ ହୁଏ। ହୁଏତ ଚୀନ ଭାରତ ବିରୋଧରେ ବାଂଲାଦେଶକୁ ମତାଇ ରଣନୀତିକ କୌଶଳ ଆପଣାଉ ଥାଇପାରେ। ବିଶେଷ କରି ଭାରତକୁ କିଭଳି ସନ୍ତ୍ରସ୍ତ କରି ରଖିବ ଚୀନ ସେହି କୌଶଳରେ ରହିଛି। ଏପରି ସ୍ଥିତିରେ ଭାରତ ପକ୍ଷରେ କୌଣସି ଆବେଗିକ ସଂପର୍କ ନୁହେଁ ବରଂ ବାସ୍ତବ ଆଧାରିତ ରଣକୌଶଳ ଆଧାରିତ ଗୋଟି ଚାଳନା କରିବାକୁ ହିଁ ହେବ।

# ପ୍ରକୃତି ସନ୍ତୁଳନରେ ମନୁଷ୍ୟ ସାଜିଛି ବାଧକ

**ଡଃ ଅମୂଲ୍ୟ କୁମାର ପଣ୍ଡା**

ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। 'ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ। ଏହି ବିବୃତି ମାନବ ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ପରିବେଶଗତ, ସାମାଜିକ, ଆଧ୍ୟାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ, ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିଳ୍ପାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ 'ବିକାଶ' ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଇଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢ଼ୁଛି, ଏବଂ ମାନବ ଲୋଭ ଏହାର ମୂଳ କାରଣ। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮% ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି। ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଳବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। କୋଭିଡ-୧୯ ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, 'ପୃଥିବୀ



ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।' ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି। ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧ୍ୟାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, 'ପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା।' ମାନବ ଲୋଭ ସେମାନଙ୍କର ଆଧ୍ୟାତ୍ମିକ ଡେଣା କାଟି ଦେଇଛି। ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା, ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ।

ମୋ- ୮୨୪୯୫୦୨୭୭୬

# ନୂତନ ସୂର୍ଯ୍ୟୋଦୟ

**ଡକ୍ଟର ଲକ୍ଷ୍ମଣ ସାହୁ**

> ବରିଷ୍ଠ ନାଗରିକମାନେ ସମାଜ ସହିତ ସେମାନଙ୍କର ସମ୍ପର୍କକୁ ପୁନଃ ପରିଭାଷିତ କରୁଛନ୍ତି । ସେମାନେ ପ୍ରମାଣ କରୁଛନ୍ତି ଯେ ଆମ ଭିତରେ ଥିବା 'ପରିବର୍ତ୍ତନକାରୀ' କେବେ ଶୋଇ ପଡ଼ନ୍ତି ନାହିଁ । ଏହା ଆମର ପ୍ରକୃତ ପରିଚୟକୁ ପୁନର୍ଜୀବିତ କରିବାର ଏକ ଶକ୍ତିଶାଳୀ ଉପାୟ । ଯେଉଁମାନେ ଏହି ଜୀବନଶୈଳୀକୁ ଗ୍ରହଣ କରୁଛନ୍ତି ସେମାନେ ସମଗ୍ର ସମାଜ ପାଇଁ ଏକ ଆଲୋକବର୍ତ୍ତିକା ହୋଇପଡୁଛନ୍ତି ।

ଆଧୁନିକ ଜୀବନର ପାରମ୍ପରିକ ଦୃଷ୍ଟିକୋଣରୁ ଅବସରକୁ ପ୍ରାୟତଃ ଏକ 'ପୂର୍ଣ୍ଣବିରାମ' ଭାବରେ ଦେଖାଯାଏ । ସମାଜ ଏହାକୁ ଦଶନ୍ଧି ଧରି କଠିନ ପରିଶ୍ରମ ପରେ ଶେଷ ବିଦାୟ ବୋଲି ବିବେଚନା କରେ । ପିଲାଦିନରୁ ଆମକୁ ବିଶ୍ୱାସ କରିବାକୁ ବାଧ କରାଯାଇଛି ଯେ ଷାଠିଏ ପରେ ବୟସ କେବଳ ଶାରୀରିକ ଅବନତି ଓ ଘରର ଏକାନ୍ତତାରେ ଆବଦ୍ଧ ହେବାର ସମୟ । ତଥାପି, ସଚେତନ ବ୍ୟକ୍ତିମାନଙ୍କ ପାଇଁ, ଅବସର ଆଉ ଏକ ପୂର୍ଣ୍ଣବିରାମ ନୁହେଁ, ବରଂ ଏକ 'କମା' । ଏହା କେବଳ ବିଶ୍ରାମ ନେବାର ସମୟ ନୁହେଁ, ବରଂ ବ୍ୟକ୍ତିଗତ ବିକାଶ ଓ ସମାଜରେ ଏକ ନୂତନ ଅବଦାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ।

ସମୟର ଏହି ନୂତନ ବ୍ୟବହାର ଆମର ସମଗ୍ର ଦୃଷ୍ଟିକୋଣକୁ ପରିବର୍ତ୍ତନ କରେ । ଅବସର ଆମକୁ ଜୀବିକା ନିର୍ବାହରେ ବଳିଦାନ ଦେଇଥିବା ମୂଲ୍ୟବାନ ଉପହାର ଦିଏ - 'ସମୟର ସ୍ୱାଧୀନତା' । ବର୍ତ୍ତମାନ, ମନ ଭିତରେ ବର୍ଷ ବର୍ଷ ଧରି ଆମେ ଚାପି ରଖିଥିବା ସ୍ୱପ୍ନଗୁଡ଼ିକୁ ବଞ୍ଚିବା ପାଇଁ ମୁକ୍ତ । ଏହା ସେହି ଯାଦୁକରୀ ମୁହୂର୍ତ୍ତ ଯେତେବେଳେ ସଂଗୃହୀତ ସଫଳତା ପ୍ରକୃତରେ ଅର୍ଥରେ ପରିଣତ ହୋଇପାରିବ ।

ଆଜି, ବରିଷ୍ଠ ନାଗରିକମାନେ ସମାଜ ସହିତ ସେମାନଙ୍କର ସମ୍ପର୍କକୁ ପୁନଃ ପରିଭାଷିତ କରୁଛନ୍ତି । ସେମାନେ ପ୍ରମାଣ କରୁଛନ୍ତି ଯେ ଆମ ଭିତରେ ଥିବା 'ପରିବର୍ତ୍ତନକାରୀ' କେବେ ଶୋଇ ପଡ଼ନ୍ତି ନାହିଁ । ଏହା ଆମର ପ୍ରକୃତ ପରିଚୟକୁ ପୁନର୍ଜୀବିତ କରିବାର ଏକ ଶକ୍ତିଶାଳୀ ଉପାୟ । ଯେଉଁମାନେ ଏହି ଜୀବନଶୈଳୀକୁ ଗ୍ରହଣ କରୁଛନ୍ତି ସେମାନେ ସମଗ୍ର ସମାଜ ପାଇଁ ଏକ ଆଲୋକବର୍ତ୍ତିକା ହୋଇପଡୁଛନ୍ତି ।

ଯେତେବେଳେ ଜଣେ ଅବସରପ୍ରାପ୍ତ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବରେ ଏକ ସାମାଜିକ କାର୍ଯ୍ୟର ନେତୃତ୍ୱ ନିଅନ୍ତି, ସେମାନେ ସମାଜକୁ ସେମାନଙ୍କର ଦଶ ବର୍ଷର ଅଭିଜ୍ଞତା ଫେରାଇ ଦିଅନ୍ତି । ଉଦାହରଣ ସ୍ୱରୂପ, ତାମିଲନାଡୁର ବାସ୍ତରି ବର୍ଷୀୟ ସେଲଭାମଣି ଅବସର ନେବାର ଏକ ଦଶନ୍ଧି ପରେ ନିଜକୁ ଅସ୍ଥିର ମନେ କରୁଥିଲେ । ତାଙ୍କର ବୈଷୟିକ ଶିକ୍ଷା ଗ୍ରହଣ କରିବାର ଦୀର୍ଘଦିନର ଇଚ୍ଛା ଥିଲା । ସେ ସେହି ଇଚ୍ଛାକୁ ଜୀବିତ ରଖିଥିଲେ । ଆଜି ସେ ଜଣେ ଛାତ୍ର ଭାବରେ ବୈଦ୍ୟୁତିକ ଇଞ୍ଜିନିୟରିଂ ପଢୁଛନ୍ତି । ସେ ପ୍ରତିଦିନ ଘରୁ କଲେଜକୁ ପଚାଶ କିଲୋମିଟର ଯାତ୍ରା କରନ୍ତି । ତାଙ୍କର ସଂଘର୍ଷ କେବଳ ଏକ ଡିଗ୍ରୀ ପର୍ଯ୍ୟନ୍ତ ସୀମିତ ନୁହେଁ । ଘରୁ ବାହାରିବା ପୂର୍ବରୁ, ସେ ରୋଷେଇ ଘର କାମ କରନ୍ତି ଓ ତାଙ୍କ ଅସୁସ୍ଥ ପତ୍ନୀଙ୍କର ଯତ୍ନ ନିଅନ୍ତି । କଲେଜରେ, ଛାତ୍ରମାନେ ତାଙ୍କୁ ସ୍ନେହରେ 'ଦାଦା' ବୋଲି ଡାକୁଛନ୍ତି । ସେ ଶିକ୍ଷା ଦିଅନ୍ତି ଯେ ଶରୀର ବୟସ୍କ ହେଲେ ମଧ୍ୟ, ଲକ୍ଷ୍ୟ ସ୍ଥିର ହେଲେ ଆତ୍ମା ଯୁବ ରହିଥାଏ ।

ସେହିପରି କେରଳର କାତ୍ୟାୟନୀ ଆମ୍ମାଙ୍କଠାରେ ମଧ୍ୟ ସକ୍ରିୟତାର ମନୋଭାବ ପ୍ରଦର୍ଶିତ ହୋଇଥିଲା, ଯିଏ ଛୟାନବେ ବର୍ଷ ବୟସରେ ଏକ ସାକ୍ଷରତା ଅଭିଯାନରେ ଅଠାନବେ ପ୍ରତିଶତ ସ୍କୋର କରିଥିଲେ । ତାଙ୍କର ସଫଳତା ପୁରୁଣା



ଧାରଣାକୁ ଭାଙ୍ଗି ଦେଇଥିଲା ଯେ ବୃଦ୍ଧମାନେ ନୂତନ ଜିନିଷ ଶିଖିପାରିବେ ନାହିଁ । ଏହା ବ୍ୟତୀତ, ଅବସର ପରେ, ବିଡି ଗରୱାରେ ତାଙ୍କର ଅଭିଜ୍ଞତାକୁ ଶିକ୍ଷା ଓ ସମାଜ ସେବାରେ ନିୟୋଜିତ କରିଥିଲେ ।

ବୟସ୍କ ଲୋକଙ୍କ ପ୍ରତି ଦୃଷ୍ଟିକୋଣ ମଧ୍ୟ ପରିବର୍ତ୍ତନ ହେଉଛି । ଗୁଜରାଟର ଜଣେ ଡାକ୍ତର ଭଗବତୀ ଓଜା ଅଶୀ ବର୍ଷ ବୟସ ଅତିକ୍ରମ କରିବା ପରେ ମଧ୍ୟ ପହଁରା ଓ ସାଇକେଲିଂରେ ସ୍ୱର୍ଣ୍ଣ ପଦକ ଜିତି ଚାଲିଥିଲେ । ତାଙ୍କ ଜୀବନ ପ୍ରମାଣ କରେ ଯେ ସକ୍ରିୟତା ଏକ ଆଧ୍ୟାତ୍ମିକ ଅଭ୍ୟାସ, ଯେଉଁଥିରେ ମନ ଓ ଶରୀର ଉଭୟ ସୁସ୍ଥ ରହିବା ଆବଶ୍ୟକ । ବୟସ୍କଙ୍କ ସକ୍ରିୟତା କେବଳ ହବି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଦେଶର ଅର୍ଥନୀତି ଓ ସାମାଜିକ ଗଠନକୁ ମଧ୍ୟ ମଜଭୁତ କରିଥାଏ । ସେମାନେ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହୋଇପାରିବେ, ଅଭିଜ୍ଞତା ଅଭାବରୁ ହେଉଥିବା ଭୁଲରୁ ସେମାନଙ୍କୁ ରକ୍ଷା କରିପାରିବେ । ଏହା ଏକ ବିଶ୍ୱସ୍ତରୀୟ ଲହରୀ ।

ଆଧୁନିକ ନ୍ୟୁରୋସାଇନ୍ସ ମଧ୍ୟ ସୂଚାଇଥାଏ ଯେ ଆମର ମସ୍ତିଷ୍କ ସ୍ଥିର ନୁହେଁ । କିଛି ନୂଆ ଶିଖିବା ଦ୍ୱାରା ମସ୍ତିଷ୍କ କୋଷଗୁଡ଼ିକ ପୁନଃ ସକ୍ରିୟ ହୁଏ ଓ ନୂତନ ନ୍ୟୁରାଲ ପଥ ସୃଷ୍ଟି ହୁଏ । ଏହାକୁ ନ୍ୟୁରୋପ୍ଲାଷ୍ଟିସିଟି କିମ୍ବା ମସ୍ତିଷ୍କ ନମନୀୟତା କୁହାଯାଏ, ଯାହା ଡିମେନ୍ସିଆ (ଆଲଜାଇମର୍ସ) ଭଳି ସମସ୍ୟା ବିରୋଧରେ ଏକ ଢାଲ ଭାବରେ କାର୍ଯ୍ୟ କରେ । ନିଜକୁ ବୌଦ୍ଧିକ ଭାବରେ ନିୟୋଜିତ ରଖିବା ଏହି ସମସ୍ୟାଗୁଡ଼ିକୁ ଏଡାଇବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ । ଏହି ବିଜ୍ଞାନ ଆମର ପ୍ରାଚୀନ ଦର୍ଶନ 'ବାନପ୍ରସ୍ଥ' ସହିତ ମଧ୍ୟ ସମାନ, ଯେଉଁଠାରେ ବ୍ୟକ୍ତିମାନେ ସମାଜର କଲ୍ୟାଣ ପାଇଁ ସେମାନଙ୍କର ଅଭିଜ୍ଞତା ଉତ୍ସର୍ଗ କରିଥିଲେ । ଯେତେବେଳେ ଜଣେ ଅଭିଜ୍ଞ ବ୍ୟକ୍ତି ସମାଜରେ ଅଂଶଗ୍ରହଣ କରନ୍ତି, ସେମାନେ ସେମାନଙ୍କର ସଂଗୃହୀତ ବୌଦ୍ଧିକ ସମ୍ପତ୍ତିକୁ ମୁଖ୍ୟଧାରାକୁ ଫେରାଇ ଆଣନ୍ତି । ଏହି କାର୍ଯ୍ୟକଳାପ ବୃଦ୍ଧମାନଙ୍କୁ ଏକାକୀତା ଓ ଅବସାଦରୁ ମଧ୍ୟ ରକ୍ଷା କରେ ।

ଆଜିର ପରମାଣୁ ଯୁଗରେ ପରିବାରର କାର୍ଯ୍ୟକଳାପ ହେଉଛି ପିଢ଼ି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିପାରେ । ଜେଜେବାପାଙ୍କ ଅଭିଜ୍ଞତା ଓ ନାତିନାତୁଣୀଙ୍କ କୌତୂହଳ ମିଳିତ ଭାବରେ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିପାରିବ । ଯୁବକମାନଙ୍କୁ ଏହା ମଧ୍ୟ ବୁଝିବାକୁ ପଡିବ ଯେ ଅଭିଜ୍ଞତାର ଗଭୀରତା ବିନା, ଶକ୍ତି ପ୍ରାୟତଃ ଦିଗହୀନ ହୋଇଯାଏ । ଅବସର କେବଳ ଏକ ବୃତ୍ତିଗତ ବିଦାୟ, ଜୀବନର ତ୍ୟାଗ ନୁହେଁ । ଆମକୁ ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପଡିବ ।ଯେଉଁଠାରେ ସେମାନେ ସେମାନଙ୍କର ବାଛିଥିବା କାରଣଗୁଡ଼ିକରେ ଯୋଗଦାନ ଦେଇପାରିବେ - ତାହା ଶିକ୍ଷା, ପରିବେଶ କିମ୍ବା ସମ୍ପ୍ରଦାୟ ନେତୃତ୍ୱ ହେଉ। ଏହା ସମାଜର ବିକାଶ ପାଇଁ ଏକ ନୂତନ ସ୍କ୍ରିପ୍ଟ ଲେଖିବା ଭଳି ହେବ ।

ଏହାର ଅର୍ଥ ହେଉଛି ଅବସର ଜୀବନର ଶେଷ ନୁହେଁ, ବରଂ 'ଦ୍ୱିତୀୟ ସୂର୍ଯ୍ୟୋଦୟର ଆରମ୍ଭ' । ଏହା ହେଉଛି ସେହି ସମୟ ଯେତେବେଳେ ଆମେ ପୁଣି ଥରେ ବିଶ୍ୱ ସମ୍ମୁଖରେ ଆମର ଆତ୍ମାର ଲୁକ୍କାୟିତ ରଙ୍ଗ ପ୍ରକାଶ କରିପାରିବା । ଦାୟିତ୍ୱର ଭାର ତଳେ ଆମେ ଯାହା ଅପୂର୍ଣ୍ଣ ରହିଯାଇଥିଲା ତାହା ହାସଲ କରିପାରିବା । ବାର୍ତ୍ତା ସ୍ପଷ୍ଟ: ଆମେ କେବଳ କ୍ୟାଲେଣ୍ଡର ତାରିଖ ଦ୍ୱାରା ବୃଦ୍ଧ ହେବା ଉଚିତ ନୁହେଁ, ବରଂ ଜ୍ଞାନ ଓ କାର୍ଯ୍ୟର ଗର୍ବ ସହିତ ଆଗକୁ ବଢ଼ିବା ଉଚିତ। ଅଭିଜ୍ଞତା ହେଉଛି ଏକ ଅନନ୍ୟ ସମ୍ପତ୍ତି ଯାହା ବାଣ୍ଟିଲେ ଅସୀମ ଭାବରେ ବୃଦ୍ଧି ପାଏ ଓ ନିରନ୍ତର କାର୍ଯ୍ୟକଳାପ ମାଧ୍ୟମରେ ସୁନା ପରି ଝଲସେ । ଅବସର କେବଳ ଏକ ପଦବୀରୁ ମୁକ୍ତି, ଆମର କ୍ଷମତାରୁ ନୁହେଁ । ଏହା ଆମର ଅର୍ଥକୁ ନୂତନ ପରିମାଣ ଦେବାର ସମୟ । ଜ୍ଞାନର ଏହି ଦ୍ୱିତୀୟ ସୂର୍ଯ୍ୟୋଦୟକୁ ପୂର୍ଣ୍ଣ ଶକ୍ତି ସହିତ ସ୍ୱାଗତ କରାଯିବା ଉଚିତ।

ସଂପର୍କ: ୯୦୪୦୧୫୧୪୭୫

# ପ୍ରଚଣ୍ଡ ରୌଦ୍ରତାପରୁ ଶିଶୁଙ୍କ ରକ୍ଷା ସର୍ବପ୍ରଥମ କର୍ତ୍ତବ୍ୟ

**ସୌଭାଗ୍ୟ ରଂଜନ ମହାନ୍ତି**

> ସରକାରୀ ସ୍ତରରେ ଶିକ୍ଷା ବର୍ଷର କାର୍ଯ୍ୟସୂଚୀ ଏବଂ ପାଠପଢାକୁ ନିୟମିତ କରିବା ପାଇଁ ସ୍କୁଲ ଖୋଲିବା ନିଶ୍ଚିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, କିନ୍ତୁ ଏହି ଅସମ୍ଭାଳ ଗରମକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଓଡ଼ିଶାର ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି ଏବଂ ପ୍ରଖର ସୂର୍ଯ୍ୟକିରଣ ମଧ୍ୟରେ ସକାଳ ନଅଟା ପରେ ବାହାରକୁ ବାହାରିବା ପ୍ରାୟତଃ ଅସମ୍ଭବ ହୋଇପଡୁଛି। ଏଭଳି ସ୍ଥିତିରେ ଯଦି ଛୋଟ ପିଲାମାନେ ସ୍କୁଲକୁ ଯାଆନ୍ତି ତେବେ ସେମାନେ ଅଂଶୁଘାତର ଶିକାର ହେବାର ଆଶଙ୍କା ବହୁ ଗୁଣା ବୃଦ୍ଧି ପାଇବା ଆଶଙ୍କା ରହିବ।

ଓଡ଼ିଶାରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ରୌଦ୍ରତାପ ଯେଉଁଭଳି ଭାବରେ ସୀମା ପାର କରିଛି ତାହା ସମଗ୍ର ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି ଏବଂ ଏହି ଅସହ୍ୟ ଗରମ ମଧ୍ୟରେ ସ୍କୁଲଗୁଡିକର ପୁନଃ ଖୋଲିବା ପ୍ରକ୍ରିୟାକୁ ନେଇ ସାଧାରଣ ଜନତା, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡିଶା ସରକାର ପ୍ରାରମ୍ଭରେ ଗ୍ରୀଷ୍ମକାଳୀନ ଛୁଟିକୁ ଆଗୁଆ ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ଛୁଟି ଶେଷ ହେବା ପରେ ବିଦ୍ୟାଳୟଗୁଡିକ ପୁନର୍ବାର ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି। କିନ୍ତୁ ବାସ୍ତବ ସ୍ଥିତିକୁ ଦେଖିଲେ ଜଣାପଡେ ଯେ ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଏବେ ବି ଅସହ୍ୟ ସ୍ତରରେ ରହିଛି ଏବଂ ବାୟୁମଣ୍ଡଳରେ ଆର୍ଦ୍ରତା କାରଣରୁ ଗୁଳୁଗୁଳି ବଢିବାରେ ଲାଗିଛି ଯାହା କୋମଳମତି ଶିଶୁମାନଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ। ସରକାରୀ ସ୍ତରରେ ଶିକ୍ଷା ବର୍ଷର କାର୍ଯ୍ୟସୂଚୀ ଏବଂ ପାଠପଢାକୁ ନିୟମିତ କରିବା ପାଇଁ ସ୍କୁଲ ଖୋଲିବା ନିଶ୍ଚିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କିନ୍ତୁ ଏହି ଅସମ୍ଭାଳ ଗରମକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଓଡିଶାର ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି ଏବଂ ପ୍ରଖର ସୂର୍ଯ୍ୟକିରଣ ମଧ୍ୟରେ ସକାଳ ନଅଟା ପରେ ବାହାରକୁ ବାହାରିବା ପ୍ରାୟତଃ ଅସମ୍ଭବ ହୋଇପଡୁଛି। ଏଭଳି ସ୍ଥିତିରେ ଯଦି କ୍ଷୁଦ୍ର ପିଲାମାନେ ସ୍କୁଲକୁ ଯାଆନ୍ତି ତେବେ ସେମାନେ ଅଂଶୁଘାତର ଶିକାର ହେବାର ଆଶଙ୍କା ବହୁ ଗୁଣା ବୃଦ୍ଧି ପାଇଥାଏ। ରାଜ୍ୟରେ ମୌସୁମୀ ବାୟୁର ଆଗମନକୁ ନେଇ ସମସ୍ତେ ଚାତକ ଭଳି ଅପେକ୍ଷା କରି ରହିଛନ୍ତି କାରଣ କେବଳ ବର୍ଷା ହିଁ ଏହି ଭୟଙ୍କର ଉତାପରୁ ସ୍ଥାୟୀ ମୁକ୍ତି ଦେଇପାରିବ। ଯେପର୍ଯ୍ୟନ୍ତ ସମଗ୍ର ଓଡିଶାରେ ମୌସୁମୀ ବର୍ଷା ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହୋଇନାହିଁ ଏବଂ ପାଣିପାଗ ଅନୁକୂଳ ହୋଇନାହିଁ ସେପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡିକୁ ସମ୍ପୂର୍ଣ୍ଣ ଭାବେ ଚଳାଇବା ବହୁତ କଷ୍ଟ ଆହ୍ୱାନ ସୃଷ୍ଟି କରିବ। ଏଥିପାଇଁ ସରକାରଙ୍କୁ ପାଣିପାଗର ପ୍ରତିଦିନର ସ୍ଥିତିକୁ ଗମ୍ଭୀରତାର ସହ ପର୍ଯ୍ୟବେକ୍ଷଣ କରିବାକୁ ହେବ ଏବଂ ଆବଶ୍ୟକ ସ୍ଥଳେ ସକାଳୁଆ ସ୍କୁଲ କିମ୍ବା ଛୁଟି ଅବଧିକୁ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡିବ। ଗ୍ରାମାଞ୍ଚଳରେ ଥିବା ଅନେକ ସରକାରୀ ବିଦ୍ୟାଳୟଗୁଡିକରେ ଏବେ ବି ପର୍ଯ୍ୟାପ୍ତ ପାନୀୟ ଜଳ ଏବଂ ବିଦ୍ୟୁତ ସେବା କିମ୍ବା ପଙ୍ଖାର ସୁବିଧା ଠିକ୍ ଭାବରେ ଉପଲବ୍ଧ ନାହିଁ ଯାହା କାରଣରୁ ଉତପ୍ତ ଶ୍ରେଣୀଗୃହ ମଧ୍ୟରେ ପିଲାମାନେ ବସି ପାଠ ପଢିବା ଏକ ପ୍ରକାରର ଅଗ୍ନିପରୀକ୍ଷା ସଦୃଶ ହେବ। ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସ୍କୁଲରେ ଓଆରଏସ ଏବଂ ଶୀତଳ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବାସ୍ତବ ଭୂମିରେ ଏହାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ଜରୁରୀ। ସୂର୍ଯ୍ୟଙ୍କର ତାପମାତ୍ରା ଯେତେବେଳେ ଚାଳିଶି ଡିଗ୍ରୀରୁ ଉପରକୁ ଚାଲିଯାଏ ସେତେବେଳେ ଶରୀରରେ ଜଳୀୟ ଅଂଶ କମିଯାଏ ଏବଂ ଛୋଟ ପିଲାମାନେ ଖୁବ୍ ଶୀଘ୍ର ଅସୁସ୍ଥ ହୋଇପଡନ୍ତି। ଅଭିଭାବକମାନେ ମଧ୍ୟ ନିଜ ପିଲାମାନଙ୍କୁ ଏଭଳି ପରିସ୍ଥିତିରେ ବିଦ୍ୟାଳୟକୁ ପଠାଇବା ପାଇଁ ଭୟଭୀତ ହେଉଛନ୍ତି କାରଣ ଶିକ୍ଷା ଅପେକ୍ଷା ଜୀବନର ସୁରକ୍ଷା ସର୍ବଦା ପ୍ରାଥମିକତା ପାଇବା ଉଚିତ। ଓଡିଶାର ପଶ୍ଚିମାଚଂଳ ତଥା ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଗ୍ରୀଷ୍ମର ପ୍ରକୋପ ଉପକୂଳବର୍ତ୍ତୀ ଅଂଚଳ ଅପେକ୍ଷା ବହୁତ ଅଧିକ ଥାଏ ତେଣୁ ସାରା ରାଜ୍ୟ ପାଇଁ ଗୋଟିଏ ପ୍ରକାରର ନିୟମ ଲାଗୁ



ନକରି ଆଂଚଳିକ ପାଣିପାଗ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବା ଅଧିକ ଯୁକ୍ତିଯୁକ୍ତ ହେବ। ମୌସୁମୀର ପ୍ରାରମ୍ଭିକ ବର୍ଷା ଯଦିଓ କିଛି ସ୍ଥାନରେ ତାପମାତ୍ରା ହ୍ରାସ କରିଛି କିନ୍ତୁ ବାୟୁମଣ୍ଡଳରେ ବଢୁଥିବା ଆଦ୍ରତା ଯୋଗୁଁ ଝାଳ ବୋହିବା ଏବଂ ଗୁଳୁଗୁଳି ଜନିତ କଷ୍ଟ ଅତି ସାଂଘାତିକ ରୂପ ଧାରଣ କରିଛି। ଏଭଳି ପାଣିପାଗରେ ବାୟୁ ଚଳାଚଳ ଠିକ ଭାବେ ହେଉନଥିବା ଶ୍ରେଣୀଗୃହ ମଧ୍ୟରେ ଶହ ଶହ ପିଲା ଏକାଠି ବସିବା ଦ୍ୱାରା ବିଭିନ୍ନ ପ୍ରକାରର ସଂକ୍ରାମକ ରୋଗ ବ୍ୟାପିବାର ଭୟ ମଧ୍ୟ ରହିଥାଏ। ସରକାରୀ ସ୍ତରରେ ଶିକ୍ଷାର ମାନକୁ ବଜାୟ ରଖିବା ପାଇଁ ଏବଂ ପାଠ୍ୟକ୍ରମକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଦ୍ୟାଳୟ ଖୋଲିବା ଜରୁରୀ ବୋଲି ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ସତ୍ୟ କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସହ ବୁଝାମଣା କରାଯାଇପାରିବ ନାହିଁ। ବର୍ତ୍ତମାନର ଗରମ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାରୁ ସ୍ଥାନୀୟ ପ୍ରଶାସନକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯିବା ଉଚିତ ଯେପରି ସେମାନେ ନିଜ ଜିଲ୍ଲାର ତାପମାତ୍ରାକୁ ଅନୁଧ୍ୟାନ କରି ସ୍କୁଲ ବନ୍ଦ ରଖିବା କିମ୍ବା ସମୟ ବଦଳାଇବା ବିଷୟରେ ତତ୍କାଳ ନିଷ୍ପତ୍ତି ନେଇପାରିବେ। ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହୋଇ ପ୍ରବଳ ବର୍ଷା ନହେବା ପର୍ଯ୍ୟନ୍ତ ଭୂତଳ ସ୍ତର ଏବଂ ବାୟୁମଣ୍ଡଳ ଥଣ୍ଡା ହେବ ନାହିଁ ଏବଂ ସେ ପର୍ଯ୍ୟନ୍ତ ଏହି ପ୍ରାକୃତିକ ସଙ୍କଟରୁ ରକ୍ଷା ପାଇବା ସହଜ ନୁହେଁ। ବିଦ୍ୟାଳୟ ପ୍ରଶାସନଗୁଡିକୁ ମଧ୍ୟ ସଚେତନ ରହିବାକୁ ହେବ ଏବଂ କୌଣସି ପିଲା ଯଦି ସାମାନ୍ୟ ଅସୁସ୍ଥ ଅନୁଭବ କରେ ତେବେ ତାକୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ସହ ତାର ଅଭିଭାବକଙ୍କୁ ସୂଚନା ଦେବା ଆବଶ୍ୟକ। ଶ୍ରେଣୀଗୃହଗୁଡିକରେ ପର୍ଯ୍ୟାପ୍ତ ବାୟୁ ଚଳାଚଳର ବ୍ୟବସ୍ଥା କରାଯିବା ଉଚିତ୍ ଏବଂ ପ୍ରାର୍ଥନା ସଭା କିମ୍ବା ଖେଳକୁଦ ଭଳି ବାହାରେ ହେଉଥିବା କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖାଯିବା ଦରକାର। ଓଡିଶାରେ ଗତ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଉଛି ଯେଉଁଥିପାଇଁ ଗ୍ରୀଷ୍ମ ଋତୁ ଅଧିକ ଦୀର୍ଘ ଏବଂ ଅଧିକ ଭୟଙ୍କର ହେବାରେ ଲାଗିଛି। ପୂର୍ବରୁ ଜୁନ୍ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା। ଓଡିଶାକୁ ସମ୍ପୂର୍ଣ୍ଣ ଶୀତଳ କରିଦେଉଥିବା ବେଳେ ଏବେ ଏହାର ଗତିପଥ ଏବଂ ସମୟରେ ଅନିଶ୍ଚିତତା ଦେଖାଦେଉଛି। ଏହି ପ୍ରାକୃତିକ ଅନିଶ୍ଚିତତା ମଧ୍ୟରେ ସରକାରଙ୍କୁ ନିଜର ଶିକ୍ଷା ନୀତି ଏବଂ ବିଦ୍ୟାଳୟ କାର୍ଯ୍ୟସୂଚୀର କୋଳହଳତା ଆଣିବାକୁ ହେବ। ପିଲାମାନଙ୍କୁ ସ୍କୁଲ ଆସିବା ପାଇଁ ବାଧ ନକରି ସେମାନଙ୍କର ଉପସ୍ଥାପନ କ୍ଷେତ୍ରରେ ସାମାନ୍ୟ କୋହଳ ମନୋଭାବ ଗ୍ରହଣ କଲେ ଅଭିଭାବକମାନେ ଆଶ୍ୱସ୍ତି ଲାଭ କରିବେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଏହି ଯୁଗରେ ଯଦି ଅତ୍ୟଧିକ ଗରମ ଯୋଗୁଁ ସ୍କୁଲ ଖୋଲିବା ସମ୍ଭବ ହେଉନାହିଁ ତେବେ କିଛି ଦିନ ପାଇଁ ଅନଲାଇନ ଶିକ୍ଷା ଦାନର ସାହାଯ୍ୟ ମଧ୍ୟ ନିଆଯାଇପାରେ ଯାହା ଦ୍ୱାରା ପିଲାମାନଙ୍କ ପାଠପଢା କ୍ଷତିଗ୍ରସ୍ତ ହେବ ନାହିଁ ଏବଂ ସେମାନେ ଘରେ ସୁରକ୍ଷିତ ରହିପାରିବେ। ଆମକୁ ଏହା ବୁଝିବାକୁ ହେବ ଯେ ସୁସ୍ଥ ଶରୀର ଏବଂ ସୁସ୍ଥ ମନ ହିଁ ଶିକ୍ଷା ଗ୍ରହଣର ପ୍ରଧାନ ମାଧ୍ୟମ ଅଟନ୍ତି ତେଣୁ ଯଦି ଅସହ୍ୟ ଗରମ ଯୋଗୁଁ ଶାରୀରିକ ସ୍ତରରେ ପିଲାମାନେ କ୍ଲାନ୍ତ ଏବଂ କ୍ଷତିଗ୍ରସ୍ତ ହୁଅନ୍ତି ତେବେ ସେମାନଙ୍କର ଶିକ୍ଷା ଗ୍ରହଣର କ୍ଷମତା ମଧ୍ୟ ହ୍ରାସ ପାଇବ। ଓଡ଼ିଶାର ପ୍ରତିଟି ଅଂଚଳରେ ମୌସୁମୀ ବାୟୁର ପୂର୍ଣ୍ଣାଙ୍ଗ ପ୍ରବେଶ ଏବଂ ସୁଶୀତଳ ବର୍ଷାର ଆଗମନ ହିଁ ଏହି ସମସ୍ୟାର ଏକମାତ୍ର ପ୍ରାକୃତିକ ସମାଧାନ ଅଟେ ସେ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ସ୍ତରରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ।

ମୋ-୯୪୩୭୯୯୪୩୭୯

## ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟ ଓ ସମସ୍ୟାର ସମାଧାନ ହେଲାନି
# ବିଜେଡି ଛାଡିଲେ ଯୁବ କାଉନସିଲର

ହିଞ୍ଜିଳିକାଟୁ,୧୬।୬ (ନିପ୍ର) ୱାର୍ଡ ବାସିନ୍ଦାଙ୍କ ସମସ୍ୟାର ସମାଧାନ ନହେବା, ଉନ୍ନୟନ ମୂଳକ କାର୍ଯ୍ୟ କରାନଯିବା ଏବଂ ଜାଣିଶୁଣି ଉପେକ୍ଷିତ କରାଯିବା ପରେ ଜନୈକ ବିଜେଡି ଯୁବ କାଉନସିଲର ଦଳରୁ ଇସ୍ତଫା ଦେଇଛନ୍ତି। ଏଭଳି ଘଟଣା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳରେ ଦେଖିବାକୁ ମିଳିଛି। ହିଞ୍ଜିଳିକାଟୁ ପୌରାଞ୍ଚଳ ୧୧ ନଂ ୱାର୍ଡ ଯୁବ କାଉନସିଲର ଅମୂଲ୍ୟ ସାହୁ ବିଜୁ ଜନତା ଦଳ ପରିତ୍ୟାଗ କରିବା ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର ଦଳର ହାଇକମାଣ୍ଡ ନବୀନ ପଟ୍ଟନାୟକଙ୍କୁ ନଗର ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ଜରିଆରେ ପ୍ରେରିତ କରିଛନ୍ତି। ପ୍ରକାଶ ଥାଉକି ୨୦୨୨ ମସିହାରେ ଅନୁଷ୍ଠିତ ପୌର ନିର୍ବାଚନରେ ୨୧ ୱାର୍ଡ ବିଶିଷ୍ଟ ହିଞ୍ଜିଳିକାଟୁ ପୌର ପରିଷଦରେ ୧୫ ଜଣ ବିଜେଡ଼ି କାଉନସିଲରଙ୍କ ସମେତ ୪ ଜଣ ସ୍ୱାଧୀନ, ଗୋଟିଏ ଲେଖାଏଁ ବିଜେପି ଓ କଂଗ୍ରେସ କାଉନସିଲର ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୨୩ ମସିହା ସେପ୍ଟେମ୍ବର ମାସରେ ନିର୍ବାଚିତ ୪ ସ୍ୱାଧୀନ କାଉନସିଲର ଅମୂଲ୍ୟ ସାହୁଙ୍କୁ ସମେତ ଗୋପବନ୍ଧୁ ବେହେରା, ମଞ୍ଜୁ ବେହେରା ଓ ରଞ୍ଜିତା ଚୌଧୁରୀ ଭୁବନେଶ୍ୱର ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କ ଆଦର୍ଶ ସହ ବିଜୁ ଜନତା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ଯୋଗଦାନ କରିଥିଲେ। ବିଜେଡ଼ିରେ ଯୋଗଦାନ ପରଠାରୁ ଦଳ ପକ୍ଷରୁ ଅମୂଲ୍ୟଙ୍କୁ ଉପେକ୍ଷିତ କରାଯିବା ସହ ତାଙ୍କରି ୱାର୍ଡରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରାନଯିବା ଏବଂ ସଂପୃକ୍ତ ୱାର୍ଡ ବାସୀଙ୍କ ସମସ୍ୟାର ସମାଧାନ କରାଯାଉନଥିବା ଅଭିଯୋଗ କରି କାଉନସିଲର ଅମୂଲ୍ୟ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅମୂଲ୍ୟ ବିଜେଡିରୁ ଇସ୍ତଫା ଦେବା ପରେ ଅନ୍ୟ କେଉଁ ଦଳରେ ଯୋଗଦାନ କରିବେ ସେ ନେଇ କୌଣସି ନିଷ୍ପତ୍ତି ନେଇନଥିବା କହିଛନ୍ତି।

## ଲଦ ଶିକକାଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ଦାବି

ରାୟଗଡା,୧୬।୬ (ନିପ୍ର): ଲଦ ଶିକକାଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ନିୟମଗିରି ସୁରକ୍ଷା ସମିତିର ଆବାହକ ଓ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ସକାଶେ ଦୀର୍ଘଦିନ ଧରି ଲଢେଇ ଜାରି ରଖିଥିବା ଆଦିବାସୀ ନେତା ଲଦ ସିକକାଙ୍କ ସମ୍ପତ୍ତି ଜବତ କରିବା ପାଇଁ ଲାଞ୍ଜିଗଡ଼ ଅଦାଲତ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ((ଏଏସଏମ) ନିନ୍ଦା କରିଛି। ଉକ୍ତ ମୋର୍ଚ୍ଚାର ସର୍ବ ଭାରତୀୟ ଆବାହକ ତ୍ରିପତି ଗମାଙ୍ଗ ଏକ ପ୍ରେସ ବିବୃତି ଜାରୀ କରି କହିଛନ୍ତି ଯେ, ନିୟମଗିରି ଆନ୍ଦୋଳନ ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ଅଧିକାର ସୁରକ୍ଷା ପାଇଁ ଏକ ଐତିହାସିକ ସଂଘର୍ଷପୂର୍ଣ୍ଣ ଆନ୍ଦୋଳନ। ଏପରିକି ଏହି ଆନ୍ଦୋଳନର ଏକ ପ୍ରମୁଖ ନେତାଙ୍କ ବିରୋଧରେ ସମ୍ପତ୍ତି ଜବତ ଭଳି ପଦକ୍ଷେପ ଗ୍ରହଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପ୍ରତୀୟମାନ ହେଉଥିବା ବେଳେ ଗରିବ ଆଦିବାସୀଙ୍କ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥାକୁ ଦୁର୍ବଳ କରିଦେବ ବୋଲି ସେ କହିଛନ୍ତି। ଶ୍ରୀ ଗମାଙ୍ଗ ଆହୁରି କହିଛନ୍ତି ଯେ, ଏପରି ନିଷ୍ପତ୍ତି, ନିର୍ଦ୍ଦେଶ କର୍ପୋରେଟ ଶକ୍ତିଙ୍କୁ ରାଜ୍ୟର ଖଣିଜ ଓ ପ୍ରାକୃତିକ ସମ୍ପଦ ଶୋଷଣ କରିବାରେ ପରୋକ୍ଷ ଭାବେ ବଳ, ସହାୟତା କରିବା କଥାକୁ ଏଡାଇଦିଆ ଯାଇନପାରେ। ଜଙ୍ଗଲ, ପର୍ବତ, ଏବଂ ଆଦିବାସୀ ସୁରକ୍ଷା ପାଇଁ ସଂଗ୍ରାମ ଚଳାଇଥିବା ଲୋକଙ୍କୁ ଦମନ କରିବାର ପ୍ରୟାସ ଗଣତନ୍ତ୍ର ପାଇଁ ଅଶୁଭଙ୍କର ଅଟେ ବୋଲି ସେ ନିଜ ମତ ପ୍ରକାଶ କରି କହିଛନ୍ତି। ଏଣୁ ଲାଞ୍ଜିଗଡ଼ ଅଦାଲତ ଏହି ନିର୍ଦ୍ଦେଶକୁ ପୁନଃ ବିଚାର ପୂର୍ବକ ଅବିଳମ୍ବେ ପ୍ରତ୍ୟାହାର କରିବା ପାଇଁ ଆଦିବାଦୀ ସଂଘର୍ଷ ମୋର୍ଚ୍ଚା ଦାବି କରିଛି।

## କେନ୍ଦୁଝର ପୋଲିସର ଅପରାଧୀ ନିୟନ୍ତ୍ରଣ ଅଭିଯାନ
# କୁଖ୍ୟାତ ଅପରାଧୀ ପ୍ରଭାତ ମଲ୍ଲିକଙ୍କୁ ଏନ୍‌କାଉଣ୍ଟର୍

କେନ୍ଦୁଝର,୧୬।୬ (ନିପ୍ର): ମଧ୍ୟରାତ୍ରରେ ସଦର ପୋଲିସର ଚଢାଉ ବେଳେ ପୋଲିସ ଉପରେ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରୁଥିବା କୁଖ୍ୟାତ ଅପରାଧୀ ପୋଲିସର ପାଲଟା ଗୁଳି ଚାଳନାରେ ଆହତ ହୋଇଛି। ଏହି ଅପରାଧୀ ଜଣକ ପ୍ରଭାତ। ତାର ଗୋଡ଼ରେ ଗୁଳି ବାଜିଛି। ପ୍ରଭାତ ନାଁରେ ବିଭିନ୍ନ ଥାନାରେ ୪୦ ରୁ ଊର୍ଦ୍ଧ୍ୱ କେସ ରହିଛି। କିଛି ଦିନ ପୂର୍ବରୁ ବନ୍ଧୁକ ମୁନରେ ଆଠ ଲକ୍ଷ ଅଠର ହଜାର ଟଙ୍କା ଡକାୟତି ଘଟଣାରେ ଏହି ଅପରାଧୀ ସମ୍ପୃକ୍ତ ଥିବା ଜାଣି ଟାଙ୍ଗରାଣୀରୁ ତାକୁ ଗିରଫ୍ କରିଥିଲା ପୋଲିସ। ଗିରଫ ପରେ ତା ଠାରୁ ୧୨ ହଜାର ଟଙ୍କା ଜବତ କରିଥିଲା। ବାକି ପଇସା ସଦର ଥାନା ମହୁଲ ଡିହା ଜଙ୍ଗଲରେ ରଖିଥିବା କହିଥିଲା। ଯେତେବେଳେ ପୋଲିସ ତାକୁ ମହୁଲ ଡିହା ଜଙ୍ଗଲକୁ ଟଙ୍କା ଉଦ୍ଧାର କରିବା ପାଇଁ ନେଇଥିଲା। ସେ ଗାତରୁ ଟଙ୍କା ବାହାର କରିବା କୁ ଯାଇ ଗାତରେ ରଖିଥିବା ଏକ ଦେଶୀ ବନ୍ଧୁକକୁ କାଢ଼ି



ପୋଲିସ ଉପରକୁ ଫାଇରିଙ୍ଗ କରିଥିଲା। ଫଳରେ ପୋଲିସ ନିଜ ସୁରକ୍ଷା ପାଇଁ ପାଲଟା ଗୁଳି ଚାଳନା କରିଥିଲା। ଫଳରେ ତାର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ପରେ ତାକୁ ଉଦ୍ଧାର କରି ଧରଣୀ ଧର ମେଡିକାଲ କଲେଜରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି।

## ରଥଯାତ୍ରା ଆସିଲେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗେ

ପୁରୀ,୧୬।୬ (ନିପ୍ର): ପୁରୀ ରଥଯାତ୍ରା ଆସିଲେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗେ ଜବରଦଲ ଉଚ୍ଛେଦ କରିବାକୁ। ସିଂହ ଦ୍ୱାର ଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ କ୍ୟାବିନ, ଉଠାଦୋକାନୀ ପକାଇବା ନିଷେଧ କରାଯାଇଥିଲେ ମଧ୍ୟ ଓ ଡାକ୍ତରଖାନା ଛକଠାରୁ ଶରଧା ବାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମାଳମାଳ କ୍ୟାବିନ, ଉଠା ଦୋକାନୀ ବସିବା ପାଇଁ ଅନୁମତି ଦିଆ ଯାଇଥିବା ବେଳେ କେତେକ ଜାଗା ବେଆଇନ ଭାବେ ଉକ୍ତ ଅଞ୍ଚଳରେ କ୍ୟାବିନ ପକାଇ ବିଦ୍ୟୁତ ସଂଯୋଗ ନେଇ ବେଆଇନ ଭାବେ ଅନ୍ୟକୁ ବିଦ୍ୟୁତ ସଂଯୋଗ ଦେଇ ଅର୍ଥ ଆଦାୟ କରୁଥିଲେ ମଧ୍ୟ ଏହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଗୋଚରରେ ହେଉଥିବା ଅଭିଯୋଗ ହେଉଛି। ସେହିପରି ସିଂହ ଦ୍ୱାର ଠାରୁ ଶରଧା ବାଲି ପର୍ଯ୍ୟନ୍ତ ରାସ୍ତାରୁ ଅବରୋଧ କରୁଥିବା ଦୋକାନୀଙ୍କୁ ହଟାଇବା ପରେ ବଡଦାଣ୍ଡକୁ ସଂଯୋଗ କରୁଥିବା ସାହି ଗଳି କନ୍ଦୀ ରାସ୍ତାକୁ ଅବରୋଧ କରି କ୍ୟାବିନ ସବୁ ରଖୁଥିବା ଯୋଗୁଁ ରଥଯାତ୍ରା ସମୟରେ ସାଧାରଣ ଲୋକମାନେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏଣୁ ବଡଦାଣ୍ଡକୁ ସଂଯୋଗ କରୁଥିବା ଉଭୟ ପଟର ଗଳି ରାସ୍ତାକୁ ଜବରଦଖଲ ନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ସୋମନାଥ ସ୍ୱାଭିମାନ ଯାତ୍ରା: ବଲାଙ୍ଗିର ଜିଲ୍ଲାରୁ ଗଲେ ୫୪ ଶ୍ରଦ୍ଧାଳୁ

ବଲାଙ୍ଗିର,୧୬।୬ (ନିପ୍ର): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର "ସୋମନାଥ ସ୍ୱାଭିମାନ ଯାତ୍ରା–୨୦୨୬" ଅବସରରେ ବଲାଙ୍ଗିର ଜିଲ୍ଲାରୁ ୫୪ ଶ୍ରଦ୍ଧାଳୁ ଗୁଜୁରାଟସ୍ଥିତ ପ୍ରସିଦ୍ଧ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ଗତକାଲି ଦୁଇଟି ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଭୁବନେଶ୍ୱରରୁ ବିଶେଷ ଟ୍ରେନ ଯୋଗେ ଶ୍ରଦ୍ଧାଳୁ ମାନେ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଯାତ୍ରା




କରିବେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ସବୁଜ ପତାକା ଦେଖାଇ ଯାତ୍ରାର ଉଦଘାଟନ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରପରିଷଦରୁ ଆସିଥିବା ଶ୍ରଦ୍ଧାଳୁମାନେ ଏହି ପବିତ୍ର ଯାତ୍ରାରେ ସାମିଲ ହୋଇଛନ୍ତି। ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନେଇ ତୀର୍ଥଯାତ୍ରୀମାନେ ବେଶ ଆନନ୍ଦ ପ୍ରକାଶ କରିଥିଲେ। ସରକାରଙ୍କ ତରଫରୁ ଏଭଳି ସୁବିଧା ଦିଆଯାଇଥିବାରୁ ସେମାନେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ସହିତ ଜିଲ୍ଲା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ରେ ସଡ଼କ ଦୁର୍ଘଟଣା ପରେ ଉତ୍ତେଜନା, କ୍ଷତିପୂରଣ ଦାବିରେ ଧାରଣା

କେସିଙ୍ଗା–୧୬।୬ (ନିପ୍ର) କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଅଞ୍ଚଳରେ ଘଟିଛି ଏକ ଦୁଃଖଦ ସଡ଼କ ଦୁର୍ଘଟଣା। ହରେକୃଷ୍ଣପୁର ରାସ୍ତାରେ ଏକ ହାଇୱା ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ପରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କ୍ଷତିପୂରଣ ଦାବିରେ ବେଦାନ୍ତ କମ୍ପାନୀ ଫାଟକ ଆଗରେ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ପରିବାର ଲୋକେ। ଦେଖନ୍ତୁ ଏହି ରିପୋର୍ଟ। ଲାଞ୍ଜିଗଡ଼ ହରେକୃଷ୍ଣପୁର ରାସ୍ତାରେ ଘଟିଥିବା ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନା ଅନୁସାରେ, ଏକ ହାଇୱା ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର



କରି ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ। ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଯୁବକଙ୍କ ଜୀବନ ବଞ୍ଚି ପାରିନଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଯୁବକଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ ଉଦବେଗ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ସେମାନେ ତୀବ୍ର ପ୍ରତିବାଦ କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ଯଥୋଚିତ କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଏବଂ ଦୁର୍ଘଟଣା ପାଇଁ ଦାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଦାବିକୁ ନେଇ ମୃତକଙ୍କ ପରିବାର ଓ ସମର୍ଥକମାନେ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀର ଫାଟକ ସମ୍ମୁଖରେ ଆମ୍ବୁଲାନ୍ସରେ ଶବ ରଖି ଧାରଣା ଦେଇଥିଲେ।

## ମହେନ୍ଦ୍ରଗିରିରେ ବଜ୍ରାଘାତ, ଜଣେ ପର୍ଯ୍ୟଟକ ଗୁରୁତର

ପାରଳାଖେମୁଣ୍ଡି,୧୬।୬ (ନିପ୍ର): ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ପୁଣି ଅଘଟଣ ଘଟିଛି। କିଛି ମାସ ବ୍ୟବଧାନ ପରେ ପୁଣି ମହେନ୍ଦ୍ରଗିରିରେ ବଜ୍ରଘାତ ଭଳି ଘଟଣା ଘଟିଛି। ଏଥିରେ ଜଣେ ପୁରୀର ପର୍ଯ୍ୟଟକ ଗୁରୁତର ଭାବେ ଆହତ ହୋଇଥିବାର ଜଣାପଡିଛି। ସୂଚନା ପ୍ରକାରେ ପୁରୀ ଶ୍ରୀକ୍ଷେତ୍ରରୁ ତିନିଗୋଟି ବାଇକ ଯୋଗେ ୬ ଜଣ ସାଙ୍ଗ ସାଥିହୋଇ ପବିତ୍ର ମହେନ୍ଦ୍ରଗିରିକୁ ଆସିଥିଲେ। ହେଲେ ଅପରାହ୍ନ ସମୟରେ କାଳବୈଶାଖୀ ପ୍ରଭାବରେ ହଠାତ୍ ବଜ୍ରପାତ ସାଙ୍ଗକୁ ବର୍ଷା ହୋଇଥିଲା। ଏହି ସମୟରେ ଭୀମ ମନ୍ଦିର ନିକଟରେ ୭୦ ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଉପସ୍ଥିତଥିଲେ। ହେଲେ ପୁରୀର ନିରଞ୍ଜନ ମହାରଣା ( ଗଜାନନ ୩୨) ନାମକ ଜଣେ ଯୁବକ ଭୀମମନ୍ଦିର ଭିତରରେ ରହିଯାଇଥିଲେ।

ସେହି ସମୟରେ ହୋଇଥିବା ଭୟଙ୍କର ବଜ୍ରପାତରେ ନିରଞ୍ଜନ ଗୁରୁତର ହୋଇପଡିଥିଲେ। ବଜ୍ରପାତର ଶବ୍ଦ ଏତେପରିମାଣରେ ଥିଲା ଯେ ସେହି ଅଞ୍ଚଳରେ ଥିବା ସମସ୍ତ ପର୍ଯ୍ୟଟକଙ୍କୁ ସେହି କ୍ଷଣିକ ନିମନ୍ତେ ସ୍ତବ୍ଧ ହୋଇପଡିଥିବାର ପ୍ରକାଶ କରିଛନ୍ତି। ତେବେ ବଜ୍ରପାତ ପରେ ପରେ ନିରଞ୍ଜନଙ୍କ ସହ ଆସିଥିବା ଅନ୍ୟ ସାଙ୍ଗମାନେ ତୁରନ୍ତ ଭୀମ ମନ୍ଦିରକୁ ଯାଇଥିଲେ। ସେତେବେଳେ ନିରଞ୍ଜନ ଗୁରୁତର ହୋଇ ତଳେ ପଡିଯାଇଥିଲେ। ତେବେ ସେଠାରେ ଆମ୍ବୁଲାନ୍ସକୁ ଡକାଯାଇଥିଲେ ମଧ୍ୟ ତାହା ଆନ୍ଧ୍ର ପ୍ରଦେଶର ଆମ୍ବୁଲାନ୍ସକୁ ଯୋଗାଯୋଗ ହୋଇଥିଲା ବୋଲି ନିରଞ୍ଜନଙ୍କ ସାଥିରେ ଆସିଥିବା ପର୍ଯ୍ୟଟକ କହିଛନ୍ତି। ଏହାପରେ ସ୍ଥାନୀୟ ଲୋକଙ୍କ ସମେତ ଗୁଣୁପୁର ସ୍ଥିତ ବିଚାର ବିଭାଗର ଜଣେ କର୍ମଚାରୀ ନିରଞ୍ଜନଙ୍କୁ ତୁରନ୍ତ ଉଦ୍ଧାର କରି କଇଁପୁର ସ୍ଥିତ ପ୍ରାଥମିକ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ।

## ମାନସିଂହ ସାହିତ୍ୟ ସଂସଦର ରଜ ଆସର

କୃଷ୍ଣପ୍ରସାଦ,୧୬।୬ (ନିପ୍ର); ଓଡ଼ିଶାର ମୌଳିକ ପର୍ବ ରଜକୁ ସ୍ୱାଗତ କରିବାକୁ ଯାଇ ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ମାନସିଂହ ସାହିତ୍ୟ ସଂସଦର ୬୬ତମ କବିତା ଆସର ତଥା ରଜ ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ କବି ପ୍ରଶାନ୍ତ ମହାନ୍ତି ଯୋଗ ଦେଇ ରଜ ପର୍ବର ମହତ୍ତ୍ୱ ଓ ରଜ କବିତାର ବିଶେଷତ୍ୱ ଆଲୋଚନା କରିବା ସହ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଫେସର ସରୋଜିନୀ ବରାଇ, ଡ଼ ଲକ୍ଷ୍ମୀନାରାୟଣ ଦାଶ, ଡ଼ ପ୍ରେମାନନ୍ଦ ବେହେରା , ପବିତ୍ର ତରେଇ ପ୍ରମୁଖ ଅତିଥିମାନେ ରଜ ପର୍ବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଅଧିବେଶନକୁ ବିଦ୍ୟୁତପ୍ରଭା ସାହୁ ସଂଯୋଜନା କରିଥିବା ବେଳେ କବିତା ଆସରକୁ ସଂଯୋଜନା କରିଥିଲେ ଯୁବ କବି ଶ୍ୱେତାସ୍ମୃତି ଜେନା। ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର, ଡ଼ ଭାରତୀ ହୋତା, ପ୍ରତିମା ପାତ୍ର,ରାଜଗୁରୁ, ସମୀର ନାୟକ,ବନ ବିହାରୀ ପଟ୍ଟନାୟକ,ଦେବାଶିଷ ପ୍ରଧାନ, ସମେତ ପ୍ରାୟ ୪୦ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆସନ୍ତା କବିତା ଆସର ଜୁଲାଇ୧୦ ତାରିଖରେ ଅନୁଷ୍ଠିତ ହେବା ପାଇଁ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ବିଶ୍ୱ ବୃଦ୍ଧ ନିର୍ଯାତନା ନିରାକରଣ ସଚେତନତା

ଭଦ୍ରକ,୧୬।୬ (ନିପ୍ର); ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ବାସୁଦେବପୁରସ୍ଥିତ ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମରେ ବିଶ୍ୱ ବୃଦ୍ଧ ନିର୍ଯାତନା ନିରାକରଣ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୃଦ୍ଧବୃଦ୍ଧାଙ୍କ ପ୍ରତି ସମ୍ମାନ, ସୁରକ୍ଷା ଓ ସହାନୁଭୂତିଶୀଳ ବ୍ୟବହାର ନିଶ୍ଚିତ କରିବା ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କ ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ।କାର୍ଯ୍ୟକ୍ରମରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ, ପ୍ରତିପକ୍ଷ ଓକିଲ ତଥା ନ୍ୟାୟ ରକ୍ଷକ ତାପସ କୁମାର ମହାନ୍ତି ଏବଂ ଆଶ୍ରମର ପରିଚାଳକା ବାସନ୍ତୀ ମଲ୍ଲିକ ଉପସ୍ଥିତ ରହି ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୃଦ୍ଧବୃଦ୍ଧାଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳିତ ବିଭିନ୍ନ ଯୋଜନା, ସେମାନଙ୍କର ଆଇନଗତ ଅଧିକାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା।

## ଈଶ୍ୱରୀୟ ସତ୍ତାକୁ ଅନୁଭବ କଲେ ଜୀବନ ସାର୍ଥକ ହୁଏ

ଧାମନଗର,୧୬।୬ (ନିପ୍ର): ଭାରତୀୟ ସଂସ୍କୃତି ଓ ଓଡ଼ିଆ ପରମ୍ପରାର ମହାନ କୃଷିଭିତ୍ତିକ ଗଣ ପର୍ବ ରଜ ମହୋତ୍ସବର ସମାବେଶ ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଉଗ୍ର ଆଧୁନିକତା ଓ ସହରୀ ସଭ୍ୟତାର ଉତ୍କଟ ପ୍ରଭାବ ଆଜି ଗାଁ ମାଟିର ଗଣ୍ଡି ଭିତରେ ଛଟପଟ ହେଉଥିବା ବାର ମାସ ରେ ତେରପର୍ବ ହଜି ହଜି ଯାଉଛିକ୍ଷ ଏହାକୁ ଉଜ୍ଜୀବିତ କରିବା ଆମ ସମସ୍ତଙ୍କର ଧ୍ୟେୟ। ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭକ୍ଷପତିତ୍ୱରେ ପ୍ରାକ୍ତନ ନିର୍ଦ୍ଦେଶକ ବୃନ୍ଦାବନ ଶତପଥି ଗଣଶିକ୍ଷା ବିଭାଗ ଓଡିଶା,ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଧାତ୍ମିକ ଚେତନା ଓ ଈଶ୍ୱରୀୟ ସତ୍ତାକୁ ଅନୁଭବ କଲେ ଜୀବନ ସାର୍ଥକ ହୁଏ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଦ୍ରକ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ଧାମନଗର ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା ଏବଂ ସହ ଶିକ୍ଷା ଅଧକାରୀ ସତ୍ୟସୁନ୍ଦର ପରିଡା ସମ୍ମାନିତ ଅତିଥି, ତଥା ପରିଷଦର ଉପସଭାପତି ତଥା ସମ୍ବର୍ଦ୍ଧିତ ପ୍ରତିଭା ଡ: ସେକ ଅବଦୁଲ ହାକିମ, ଦଶରଥ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧକ୍ଷ ଇଂ ନୃସିଂହ ଚରଣ ନାୟକ, ସଭ୍ୟ ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ସନ୍ତୋଷ ପାଢୀ, ଭାସ୍କର ଚନ୍ଦ୍ର ସାମଲ, ନରେନ୍ଦ୍ର କୁମାର ମଲ୍ଲିକ, ବିଶ୍ୱନାଥ ବେହେରା, ଶ୍ରୀଧର ନାଥ, ରାମ ଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ, ଲମ୍ବୋଦର ମହାନ୍ତି ବକ୍ତବ୍ୟ ରଖିଥିଲେ।

## 'ଲକ୍ଷପତି ଦିଦି' ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯାଉଛି

ବଲାଙ୍ଗିର,୧୬।୬ (ନିପ୍ର):ରାଜ୍ୟ ସରକାରଙ୍କ ସଫଳ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଆଜି ବଲାଙ୍ଗିର ଜିଲ୍ଲା ପ୍ରଶାସନଙ୍କ ଆନୁକୂଲ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, କେନ୍ଦ୍ର ସରକାରଙ୍କ ସଫଳ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ କଣ୍ଟାବାଞ୍ଜି-ତଥା-ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ବଲ୍ଲଭ ଧରୁଆ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟରେ ବିଭିନ୍ନ ପ୍ରଗତିଶୀଳ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରିଛି। ସେ କହିଥିଲେ ଯେ, ସରକାର ସମାଜର ପ୍ରତ୍ୟେକ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଭାବରେ କାର୍ଯ୍ୟ କରୁଛି। ସରକାରୀ ସ୍ତରରେ ମା'ମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ଓ ସମ୍ମାନ ଦିଆଯାଉଛି। 'ସୁଭଦ୍ରା ଯୋଜନା' ଓ 'ଲକ୍ଷପତି ଦିଦି' ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯାଉଛି। ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଏବଂ ବୈଷୟିକ ଶିକ୍ଷାର ବିକାଶ ପାଇଁ 'ଉତ୍କର୍ଷ ଆଇଟିଆଇ' ପ୍ରତିଷ୍ଠା କରାଯାଇଛି। ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବାରେ ବ୍ୟାପକ ସଫଳତା ମିଳିଛି। ଯୁବପିଢ଼ିଙ୍କ ଲୁକ୍କାୟିତ ପ୍ରତିଭାର




ବିକାଶ ପାଇଁ ଖେଳକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି ଏବଂ ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରାଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ବଲାଙ୍ଗିର ଜିଲ୍ଲା କୃଷି ବିଭାଗ କୃଷକ କଲ୍ୟାଣ, ଡିଜିଟାଲ କୃଷି, ସ୍ଥାୟୀ କୃଷି ପଦ୍ଧତି, ଫସଲ ବିବିଧୀକରଣ ଏବଂ କୃଷି ଉଦ୍ୟୋଗିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ପଦକ୍ଷେପ "ସମୃଦ୍ଧ କୃଷକ ଓ ବିକଶିତ ଓଡ଼ିଶା" ଗଠନରେ ସହାୟକ ହୋଇଛି। 'ସି.ଏମ-କିସାନ' ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରାଯାଉଛି। ସି.ଏମ-କିସାନ ଏବଂ ପି.ଏମ-କିସାନ ଯୋଜନା ମାଧ୍ୟମରେ କୃଷକଙ୍କ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରାଯାଇଛି। ଏହି ଅବଧିରେ ବଲାଙ୍ଗିରର ୩,୨୪,୬୪୯ ଜଣ କୃଷକ ଓ ଭୂମିହୀନ କୃଷି ପରିବାର ସି.ଏମ-କିସାନ ଯୋଜନାରେ ଉପକୃତ ହୋଇଥିବା ବେଳେ ୨,୦୪,୭୬୨ ଜଣ କୃଷକ ପି.ଏମ-କିସାନ ଯୋଜନା ମାଧ୍ୟମରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଦ୍ୱାରା ସହାୟତା ପାଇଛନ୍ତି। 'ଆୟୁଷ୍ମାନ ଯୋଜନା' ମାଧ୍ୟମରେ ଗରିବ ଓ ମଧ୍ୟବିତ୍ତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ସେହିପରି, 'ସ୍ୱଚ୍ଛ ଭାରତ ଯୋଜନା' ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ସହିତ ଜନସାଧାରଣଙ୍କୁ ଏକ ସୁସ୍ଥ ଓ ନିର୍ମଳ ପରିବେଶ ପ୍ରଦାନ କରିବାରେ ସରକାର ସଫଳ ହୋଇଛନ୍ତି। ଜିଲ୍ଲା ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ବଲାଙ୍ଗିରର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ସହିତ ଇକୋ-ଟୁରିଜିମ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି।

ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ମାନ୍ୟବର ମନ୍ତ୍ରୀ 'ଏକ ପେଡ୍ ମା କେ ନାମ୍' ଅଭିଯାନ ଅନ୍ତର୍ଗତ ଖୁଜେନପାଲିରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାନ୍ୟବର ମନ୍ତ୍ରୀ ବୃକ୍ଷ ରୋପଣ କରି ସବୁଜ ଓ ସୁସ୍ଥ ପରିବେଶ ଗଠନର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ଏବଂ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ବୃକ୍ଷ ରୋପଣ କରିଥିଲେ। ଏହାପରେ ମନ୍ତ୍ରୀ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଇନତାଲା ଠାରେ ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ନିଜେ ସଫାଇ କାର୍ଯ୍ୟରେ ଅଂଶଗ୍ରହଣ କରି ସୁସ୍ଥ ଓ ସଚେତନ ସମାଜ ଗଠନର ପ୍ରେରଣା ଦେଇଥିଲେ।

## କିଶୋରୀଙ୍କ ସଶକ୍ତିକରଣ

ଗୋଲାମୁଣ୍ଡା,୧୬।୬ (ନିପ୍ର); ଗୋଲାମୁଣ୍ଡା ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଆନୁକୂଲ୍ୟରେ ଏକ ବ୍ଲକସ୍ତରୀୟ 'ଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସ' ସମାରୋହ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। 'ସଶକ୍ତ କିଶୋରୀ, ସଶକ୍ତ ଓଡ଼ିଶା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କର ସାମାଜିକ ସୁରକ୍ଷା ଓ ବିକାଶ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସମାରୋହରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦ୍ମା ମଞ୍ଜରୀ ପ୍ରଧାନ ଏବଂ କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ। ଏଥି ସହିତ ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଶୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଚାଇଲ୍ଡଲାଇନ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ମିଶନ ଶକ୍ତିର ବିପିସି ରାଜେନ୍ଦ୍ର ମଝିଆ ସେଠ ଏବଂ ୱାର୍ଲଡ୍ ଭିଜନର ବ୍ଲକ ସଂଯୋଜକ ବିନିତା ରାଉତ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅତିଥିମାନେ କିଶୋରୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ।

# ପାଣି ପାଇଁ ହାହାକାର - ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ

ଭାପୁର୧୬।୬ (ନିପ୍ର): ଭାପୁର ବ୍ଲକ ପ୍ରଶାସନ ଜନସାଧାରଣଙ୍କ ମୌଳିକ ସମସ୍ୟା ଅର୍ଥାତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପୂରଣ ନ କରିପାରିବାରୁ ବାଉଁଶବାଟି ଗ୍ରାମବାସୀ ତାତି ରାଜରାସ୍ତାକୁ ଓହ୍ଲାଇ ରାସ୍ତାରୋକ କରିଛନ୍ତି। ଫଳରେ, ୪୮ ନମ୍ବର ଜାତୀୟ ରାଜ୍ୟ ରାଜପଥ ମଙ୍ଗଳବାର ସକାଳୁ ୬ ଘଣ୍ଟା ଧରି ଯାତାୟାତ ଠପ ହୋଇଥିଲା। ଉଲ୍ଲେଖଯୋଗ୍ୟ, ମାରଡ଼ା ଗ୍ରାମରେ ପାଣି ଟାଙ୍କି ରହିଛି କିନ୍ତୁ,ଦୁଇ କିମି ଦୂର ବାଉଁଶବାଟି ଗ୍ରାମକୁ ସେହି ଟାଙ୍କିରୁ ପାଣି ପାଇପ ବିଛା ହୋଇଥିଲେ ମଧ୍ୟ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ପାଣି ଆସୁ ନ ଥିବାରୁ ଗ୍ରାମବାସୀ ମାନେ ବ୍ଲକ ପ୍ରଶାସନ କୁ ବାରମ୍ବାର ଅଭିଯୋଗ କରିଥିଲେ। ପ୍ରଶାସନ ନିରବଦ୍ରଷ୍ଟା ସାଜିବାରୁ ଗ୍ରାମବାସୀ ମାନେ ଆଇନକୁ ହାତକୁ ନେଇ ନିଜ ଗାଁ ଉପର ୪୮ ନମ୍ବର ରାଜ୍ୟ ରାଜପଥକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ



କରିଦେଇଥିଲେ। ଉଲ୍ଲେଖଯୋଗ୍ୟ,ବାଉଁଶବାଟି ଗ୍ରାମର ୪ ଗୋଟି ୱାର୍ଡରେ ୧୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି ଏବଂ ସେମାନେ ନଳକୂପ ଓ କୂଅରୁ ପାଣି ବ୍ୟବହାର କରୁଥିବା ବେଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସେସବୁ ଅଚଳ ହୋଇଯାଇଥିଲା ଫଳରେ, ଗ୍ରାମବାସୀ ବାଧ୍ୟହୋଇ ରାଜରାସ୍ତା ଉପରକୁ ଓହ୍ଲାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଆଇ.ଆଇ.ସି. ଅଜୟ କୁମାର ସାହୁଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଖବରପାଇ ଭାପୁର ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା,ଜିଲ୍ଲା ଜଳସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀ ଆଲୋକ ରଞ୍ଜନ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ମାରଡ଼ା ଛକରେ ଅବସ୍ଥିତ ଓଭରହେଡ଼ ପାଣି ଟାଙ୍କି ଠାରୁ ଉପର ବାଉଁଶବାଟୀ ଦେଇ ତଳ ବାଉଁଶବାଟୀ ଗ୍ରାମକୁ ସିଧା ପାଇପ ଯୋଗେଁ ପାଣି ଯୋଗାଣ କରାଯିବା ସହିତ ଘରେଘରେ ଚୋରା ପାଣି ଟ୍ୟାପକୁ ବନ୍ଦ କରାଯିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ।

## ହରିୟାଣାରେ କରମୁକ୍ତ ହେଲା କଙ୍ଗନାଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'

ନୂଆଦିଲ୍ଲୀ,୧୬।୬: ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତଙ୍କ ସଦ୍ୟତମ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'କୁ ହରିୟାଣାରେ କରମୁକ୍ତ ଘୋଷଣା କରାଯାଇଛି । ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଚଣ୍ଡିଗଡ଼ରେ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ଯୋଗ ଦେବା ପରେ ରାଜ୍ୟରେ ଏହି ଚଳଚ୍ଚିତ୍ରକୁ କରମୁକ୍ତ ଘୋଷଣା କରିଛନ୍ତି। ରବିବାର ସନ୍ଧ୍ୟାରେ ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ କଙ୍ଗନା ରାଣାଓ୍ୱତ ଉପସ୍ଥିତ ଥିଲେ, ଯିଏ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିଥିଲେ । ସ୍କ୍ରିନିଂ ଆରମ୍ଭ ହେବା ପୂର୍ବରୁ ସେ ତାଙ୍କୁ ଫିଲ୍ମ ବିଷୟରେ ସୂଚନା ମଧ୍ୟ ଦେଇଥିଲେ। ଫିଲ୍ମ ଦେଖିବା ପରେ, ସାଇନି ଏହାର ବାର୍ତ୍ତାକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଏପରି ଫିଲ୍ମଗୁଡ଼ିକ ବହୁ ସଂଖ୍ୟକ ଦର୍ଶକଙ୍କ ପାଖରେ ପହଞ୍ଚିବା ଉଚିତ। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ହରିୟାଣା ମୁଖ୍ୟମନ୍ତ୍ରୀ କହିଛନ୍ତି, "ମୁଁ କହିଛି ଯେ ଏପରି ପ୍ରେରଣାଦାୟକ ଫିଲ୍ମ ଯାହା ଆମକୁ ପ୍ରେରଣା ଦିଏ, ତାହା ଆମ ସମସ୍ତଙ୍କୁ ଦେଖିବା ଉଚିତ। ଆମେ ହରିୟାଣାରେ ଏହାକୁ 'କରମୁକ୍ତ' ଘୋଷଣା କରିବୁ କାରଣ ଏହା ଆମକୁ ପ୍ରେରଣା ଦିଏ ଏବଂ ଆମକୁ ଆମର କର୍ତ୍ତବ୍ୟ ଅନୁଭବ କରାଏ ।"ତାଙ୍କର ଘୋଷଣା ଦ୍ୱାରା ଟିକେଟ୍ ମୂଲ୍ୟ ହ୍ରାସ କରି ରାଜ୍ୟ ସାରା ଦର୍ଶକଙ୍କ ପାଇଁ ଚଳଚ୍ଚିତ୍ରଟି ଅଧିକ ସୁଗମ ହେବ ବୋଲି ଆଶା କରାଯାଉଛି।

## ଭବାନୀପୁର ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଗଲେ ହାଇକୋର୍ଟ

କୋଲକାତା,୧୬।୬: ପଶ୍ଚିମବଙ୍ଗ ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳକୁ ଚ୍ୟାଲେଞ୍ଜ କରି କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭବାନୀପୁର ବିଧାନସଭା ଆସନରୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ପରାଜିତ ହେବା ପରେ ସେ ଏହି ଆବେଦନ ଦାୟର କରିଛନ୍ତି। ମମତା ବାନାର୍ଜୀ ନିଜର ଗଡ଼ କୁହାଯାଉଥିବା ଭବାନୀପୁର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯେଉଁ ଆସନକୁ ସେ ୨୦୨୧ ମସିହାରୁ ନିଜ କବ୍‌ଜାରେ ରଖିଥିଲେ। ତେବେ ଏହି ନିର୍ବାଚନରେ ବିଜେପିର ଶୁଭେନ୍ଦୁ ଅଧିକାରୀ ତାଙ୍କୁ ୧୫,୦୦୦ ରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ମେ ୪ ତାରିଖରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ହୋଇଥିଲା, ଯେଉଁଥିରେ ଭାରତୀୟ ଜନତା ପାର୍ଟି ବିପୁଳ ବିଜୟ ହାସଲ କରି ସରକାର ଗଠନ କରିଛି। ଏହି ସଫଳତା ପରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମମତା ବାନାର୍ଜୀ କୋଲକାତା ହାଇକୋର୍ଟରେ ଆବେଦନ କରି ଭବାନୀପୁର ଆସନର ଭୋଟ୍ ଗଣତିରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି।

## ଗୋଟିଏ ପରିବାରର ୩ ଜଣଙ୍କୁ ନିର୍ମମ ହତ୍ୟା

ପ୍ରୟାଗରାଜ,୧୬।୬ : ଉତ୍ତରପ୍ରଦେଶ ପ୍ରୟାଗରାଜରେ ହୃଦୟ ବଦାରକ ଘଟଣା । ମେଜା ଥାନା ଅର୍ନ୍ତଗତ କୁକରକଟଓ୍ୱା ଗାଁରେ ଗୋଟିଏ ପରିବାର ୩ ଜଣ ଲୋକଙ୍କୁ ହତ୍ୟା କରାଯାଇଛି । ମଙ୍ଗଳବାର ସକାଳେ ଗାଁ ଲୋକ ଘର ବାହାରେ ରକ୍ତ ଦେଖିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ଖବର ମୁତାବକ, ଗାଁରେ ଥିବା ଏହି ପରିବାରର ଅଧିକାଂଶ ପୁରୁଷ ଲୋକ ରୋଜଗାର ପାଇଁ ଅନ୍ୟ ରାଜ୍ୟରେ ରୁହନ୍ତି । ଅମରାବତୀ ଦେବୀଙ୍କ ସ୍ୱାମୀ ନେବୁ ଲାଲ ରାଜସ୍ଥାନରେ ରହି କାମ କରୁଛନ୍ତି । ଆଉ ଇନ୍ଦ୍ରବାତୀ ଦେବୀଙ୍କ ସ୍ୱାମୀଙ୍କ ଦୁଧନାଥଙ୍କ ପୂର୍ବରୁ ପରଲୋକ ହୋଇଛି । ଘରେ ପୁରୁଷ ଲୋକ ନଥିବାରୁ ଏହାର ଫାଇଦା ଉଠାଇ ଏଭଳି କାଣ୍ଡ ଘଟାଇଛନ୍ତି । ମୃତକଙ୍କ ପରିଚୟ ମିଳିଛି । ୬୫ବର୍ଷୀୟ ଶ୍ୟାମଲାଲ ଗୁପ୍ତା, ୫୫ ବର୍ଷୀୟ ଅମରାବତୀ ଦେବୀ ଏବଂ ୫୦ ବର୍ଷୀୟ ଇନ୍ଦ୍ରାବତୀ ଦେବୀ ଭାବେ ଜଣାପଡିଛି । କେହି ଜଣେ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛି । ତେବେ କେଉଁ କାରଣ ଯୋଗୁଁ ହତ୍ୟା କରାଯାଇଛି, ତାହା ଏଯାଏଁ ଜଣାପଡିନାହିଁ । ସ୍ଥାନୀୟ ପୋଲିସ ସହିତ ବରିଷ୍ଠ ଅଧିକାରୀ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି ।

## ମ୍ୟାନମାରର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଲେ ଜିନପିଙ୍ଗ



ନୂଆଦିଲ୍ଲୀ,୧୬।୬: ଚୀନ୍ ନେତା ସି ଜିନପିଙ୍ଗ ମ୍ୟାନମାରର ସାର୍ବଭୌମତ୍ୱକୁ ସୁରକ୍ଷା ଦେବାକୁ ମଙ୍ଗଳବାର ଦିନ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଚାଇନା ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ସେ ବେଜିଂରେ ମ୍ୟାନମାର ରାଷ୍ଟ୍ରପତି ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ ଭେଟି ଏଭଳି କହିଛନ୍ତି। ୨୦୨୧ ମସିହାରେ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କ ବିଦ୍ରୋହ ଦ୍ୱାରା ଅଙ୍ଗ୍ ସାନ୍ ସୁ କିଙ୍କ ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ଚୀନ୍ ହେଉଛି ମ୍ୟାନମାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ । ମ୍ୟାନମାରରେ ବିପ୍ଳବ ଦ୍ୱାରା ଆରମ୍ଭ ହୋଇଥିବା ଗୃହଯୁଦ୍ଧରେ ବେଜିଂ ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଥିଲା। ସାମ୍ପ୍ରତିକ ନିର୍ବାଚନରେ ମଧ୍ୟ ମ୍ୟାନମାରକୁ ଚୀନ୍ ସମର୍ଥନ କରିଛି ଯାହା ଦ୍ୱାରା ସୁ କିଙ୍କ ଦଳକୁ ବାଦ୍ ଦିଆଯାଇଥିଲା ଏବଂ ସାମରିକ ସମର୍ଥକ ସାଂସଦମାନଙ୍କର ବିଜୟ ହୋଇଥିଲା । ଏହାପରେ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ ରାଷ୍ଟ୍ରପତି ଭାବରେ ନିର୍ବାଚିତ କରାଯାଇଥିଲା। ମଙ୍ଗଳବାର ଦିନ ଏକ ସ୍ୱାଗତ ସମାରୋହ ପରେ ବେଜିଂର ସୌନ୍ଦର୍ଯ୍ୟପୂର୍ଣ୍ଣ ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲରେ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ ଭେଟି ଜିନପିଙ୍ଗ କହିଛନ୍ତି ଯେ, ଚୀନ୍ ମ୍ୟାନମାରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସୁରକ୍ଷା ଦେବାରେ ଦୃଢ଼ ସମର୍ଥନ କରେ। ନୂତନ ସରକାରଙ୍କୁ ବିକାଶ ଏବଂ ସୁରକ୍ଷା ମଧ୍ୟରେ ସନ୍ତୁଳନ ରଖିବାରେ ବେଜିଂ ସହାୟତା କରିବ ଯାହା ଦ୍ୱାରା ମ୍ୟାନମାର ଜାତୀୟ ପରିସ୍ଥିତି ସହିତ ସୁସଙ୍ଗତ ହେବ ବୋଲି ଜିନପିଙ୍ଗ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ କହିଛନ୍ତି। ଉଭୟ ଦେଶକୁ ଟେଲିକମ୍ ଠକେଇ, ଅନଲାଇନ୍ ଜୁଆ ଏବଂ ନିଶାଦ୍ରବ୍ୟ ଚାଲାଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ପଡିବ ବୋଲି ସେ କହିଛନ୍ତି। ଜିନପିଙ୍ଗ ଚୀନ୍-ମିଆଁମାର ସମ୍ପର୍କକୁ ପ୍ରଶଂସା କରି କହିଛନ୍ତି ଯେ, ଦୁଇ ଦେଶ ସବୁ ସମୟରେ ଏକାଠି ଠିଆ ହୋଇଛନ୍ତି। ଆଲୋଚନା ମାଧ୍ୟମରେ ଶାନ୍ତି ଏବଂ ସମାଧାନକୁ ଆଗକୁ ବଢାଇବା ପାଇଁ ଚୀନ୍ ମ୍ୟାନମାରର ସମସ୍ତ ପକ୍ଷକୁ ସମର୍ଥନ କରେ ବୋଲି ସେ କହିଛନ୍ତି।

## ମୋଦିଙ୍କୁ ମିଳିଲା ୩୩ତମ ସର୍ବୋଚ୍ଚ ବିଦେଶୀ ସମ୍ମାନ

# ସ୍ଲୋଭାକିଆ ରାଷ୍ଟ୍ରପତି ଦେଲେ 'ଦି ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ'



ବ୍ରାଟିସଲାଭା,୧୬।୬: ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ବିଦେଶ ଗସ୍ତରେ ଅଛନ୍ତି। ପୁଣିଥରେ ତାଙ୍କୁ ଏକ ମର୍ଯ୍ୟାଦାଜନକ ବିଦେଶୀ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲେଗ୍ରୀନି ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ଦି ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ (ପ୍ରଥମ ଶ୍ରେଣୀ)'ରେ ସମ୍ମାନିତ କରିଛନ୍ତି।ଏହା ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ମୋଦି ଆଜି ପର୍ଯ୍ୟନ୍ତ ୩୩ଟି ବିଶ୍ୱସ୍ତରୀୟ ସମ୍ମାନ ପାଇଛନ୍ତି। 'ଦି ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ (ପ୍ରଥମ ଶ୍ରେଣୀ)' ହେଉଛି ସ୍ଲୋଭାକିଆ ଗଣରାଜ୍ୟର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ। ଏହି ସମ୍ମାନ ସ୍ଲୋଭାକିଆ ରାଷ୍ଟ୍ରପତି ବିଦେଶୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରଦାନ କରନ୍ତି। ଏହା ସ୍ଲୋଭାକିଆ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିକାଶରେ ଅସାଧାରଣ ଅବଦାନ, ଏବଂ ଦେଶର ବୈଦେଶିକ ନୀତି ସ୍ୱାର୍ଥ ଏବଂ ଏହାର ଆନ୍ତର୍ଜାତୀୟ ସ୍ଥିତି ସମ୍ପର୍କରେ ଉଲ୍ଲେଖନୀୟ ସମର୍ଥନ ପାଇଁ ପ୍ରଦାନ କରାଯାଏ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି, 'ଭାରତ ପାଇଁ ଆଉ ଏକ ଗର୍ବ ଏବଂ ଚମତ୍କାର ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କୁ ସ୍ଲୋଭାକିଆର ସର୍ବୋଚ୍ଚ ପୁରସ୍କାର 'ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ (ପ୍ରଥମ ଶ୍ରେଣୀ)'ରେ ସମ୍ମାନିତ କରାଯିବା ପାଇଁ ଅଭିନନ୍ଦନ। ଏହି ୩୩ତମ ସମ୍ମାନ ଆପଣଙ୍କ କୂଟନୈତିକ ବୁଦ୍ଧିର ପ୍ରମାଣ, ଯାହା ସାରା ବିଶ୍ୱରେ ବନ୍ଧୁତାର ସେତୁ ନିର୍ମାଣ କରିଛି ଏବଂ ବିଶ୍ୱସ୍ତରୀୟ ନେତା ଭାବରେ ଭାରତର ମର୍ଯ୍ୟାଦାକୁ ଉଚ୍ଚ କରିଛି।' ସ୍ଲୋଭାକିଆ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦି ଲଗାତାର ଦୁଇ ଦିନ ସର୍ବୋଚ୍ଚ ସମ୍ମାନ ପାଇଥିଲେ। ସ୍ୱିଡେନ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମେ ୧୭ ରେ 'ରୟାଲ ଅର୍ଡର ଅଫ ଦି ପୋଲାର୍ ଷ୍ଟାର, କମାଣ୍ଡର ଗ୍ରାଣ୍ଡ କ୍ରସ' ପ୍ରଦାନ କରାଯାଇଥିଲା। ଏହା ସ୍ୱିଡେନ ଯେକୌଣସି ରାଷ୍ଟ୍ରମୁଖ୍ୟ କିମ୍ବା ସରକାର ମୁଖ୍ୟଙ୍କୁ ପ୍ରଦାନ କରୁଥିବା ସର୍ବୋଚ୍ଚ ସମ୍ମାନ। ଗୋଥେନବର୍ଗରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱିଡେନର କ୍ରାଉନ ପ୍ରିନ୍ସେସ ଭିକ୍ଟୋରିଆ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହା ଏକ ବିଦେଶୀ ରାଷ୍ଟ୍ରରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଳିଥିବା ୩୧ତମ ଅନ୍ତର୍ଜାତୀୟ ସମ୍ମାନ ଥିଲା। ଏହି ସମୟରେ, ମେ ୧୮ରେ, ନରଓ୍ୱେ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଓସଲୋରେ ନରଓ୍ୱେର ସର୍ବୋଚ୍ଚ ନାଗରିକ ପୁରସ୍କାର, 'ଗ୍ରାଣ୍ଡ କ୍ରସ ଅଫ ଦି ରୟାଲ ନରଓ୍ୱେଜିଆନ ଅର୍ଡର ଅଫ ମେରିଟ'ରେ ସମ୍ମାନିତ କରାଯାଇଥିଲା। ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରାଯାଇଥିବା ୩୨ତମ ଅନ୍ତର୍ଜାତୀୟ ସମ୍ମାନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ବିଦେଶୀ ରାଷ୍ଟ୍ର ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରଥମ ସର୍ବୋଚ୍ଚ ନାଗରିକ ସମ୍ମାନ ଏପ୍ରିଲ ୩, ୨୦୧୬ ରେ ଗ୍ରହଣ କରାଯାଇଥିଲା। ତାଙ୍କୁ ସାଉଦି ଆରବ ଏହାର ସର୍ବୋଚ୍ଚ ନାଗରିକ ପୁରସ୍କାର 'ଅର୍ଡର ଅଫ ଅବଦୁଲାଜିଜ ଅଲ ସୌଦ' (ରାଜା ଅବଦୁଲାଜିଜ ସାସ) ରେ ସମ୍ମାନିତ କରିଥିଲା।

## ପ୍ରେସକ୍ରିପସନ୍ ବିନା କଫ ସିରପ୍ ମନା

### ନିୟମ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୬।୬: କେନ୍ଦ୍ର ସରକାର ସାରା ଦେଶରେ ଔଷଧ ବିକ୍ରୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା ମେଡିକାଲ ଷ୍ଟୋରରୁ କୌଣସି ପ୍ରକାରର ସିରପ୍ କିଣାଯାଇପାରିବ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ଜୁନ୍ ୯ ତାରିଖରେ ଜାରି ହୋଇଥିବା ଏହି ବିଜ୍ଞପ୍ତିରେ, ସରକାର କହିଛନ୍ତି ଯେ, ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା କଫ ସିରପ୍ ସମେତ ସମସ୍ତ ପ୍ରକାରର ସିରପ୍ ଆଉ କିଣି ହେବ ନାହିଁ। ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଡ୍ରଗ୍ସ ନିୟମ, ୧୯୪୫କୁ ସଂଶୋଧନ କରି ସୂଚୀ 'କେ' ରୁ ସିରପ୍ ଶବ୍ଦକୁ ହଟାଇ ଦିଆଯାଇଛି। ପୂର୍ବରୁ, କିଛି ପ୍ରକାରର ସିରପ୍‌କୁ ଓଭର-ଦି-କାଉଣ୍ଟର (ଓଟିସି) ଔଷଧ ଭାବରେ ବର୍ଗୀକୃତ କରାଯାଇଥିଲା ଯାହାକୁ ପ୍ରେସକ୍ରିପସନ୍ ବିନା କିଣାଯାଇପାରିବ। ତଥାପି, ଏହି ଛାଡ୍ ଏବେ ହଟାଇ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ରୋଗୀମାନଙ୍କୁ ଯେକୌଣସି ପ୍ରକାରର ସିରପ୍ କିଣିବା ପାଇଁ ଡାକ୍ତରଙ୍କ ଠାରୁ ଏକ ବୈଧ ପ୍ରେସକ୍ରିପସନ୍ ଦେଖାଇବାକୁ ପଡିବ। ମେଡିକାଲ୍ ଷ୍ଟୋର୍



ପରିଚାଳକମାନଙ୍କୁ ମଧ୍ୟ ପ୍ରେସକ୍ରିପସନ୍ ବିନା ସିରପ୍ ବିକ୍ରି କରିବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ।

## ଜୁନ ୨୦ରେ ମିଳିବ ପିଏମ୍ କିଷାନର ୨୩ତମ କିସ୍ତି

ନୂଆଦିଲ୍ଲୀ,୧୬।୬: ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ସ୍କିମର ୨୩ତମ କିସ୍ତି ଆସନ୍ତା ୨୦ ତାରିଖରେ କୃଷକମାନଙ୍କୁ ପ୍ରଦାନ କରାଯିବ। କୃଷକମାନଙ୍କୁ ଏହି ଯୋଜନାରେ ବର୍ଷକୁ ୩ ଥର ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଉକ୍ତ ରାଶି ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ। ଗତ ମାର୍ଚ୍ଚ ୧୩ ତାରିଖରେ କେନ୍ଦ୍ର ସରକାର ୨୨ତମ କିସ୍ତି ପ୍ରଦାନ କରିଥିଲେ। ଉକ୍ତ ଯୋଜନାରେ ଦେଶରେ ୯ କୋଟିରୁ ଅଧିକ ଚାଷୀ ଉପକୃତ ହେଉଛନ୍ତି।

## ଚୀନର କିଙ୍ଗହାଇ ପ୍ରଦେଶରେ ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ,୧୬।୬: ମଙ୍ଗଳବାର ସନ୍ଧ୍ୟାରେ ଚୀନର କିଙ୍ଗହାଇ ପ୍ରଦେଶର ଉତ୍ତର-ପଶ୍ଚିମ ଅଂଚଳ ଥରି ଉଠିଛି । ଏଠାରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । କିଙ୍ଗହାଇ ପ୍ରଦେଶର ହାଇକ୍ସି ପ୍ରିଫେକ୍ଚରରେ ରିକ୍ଟର ସ୍କେଲରେ ୬.୩ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହା ପରେ ଅନେକ ପରବର୍ତ୍ତୀ ଝଟକା ମଧ୍ୟ ଅନୁଭୂତ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୪ ଜଣ ଆହତ ହୋଇଛନ୍ତି।

## ଏବେ ମୋର ଧ୍ୟାନ ୟୁକ୍ରେନ ଉପରେ, ଯାହା ସମ୍ଭବ ମୁଁ ତାହା କରିବି: ଟ୍ରମ୍ପ



ନୂଆଦିଲ୍ଲୀ,୧୬।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ୟୁକ୍ରେନ ଯୁଦ୍ଧକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ରୁଷ, ୟୁକ୍ରେନ ସହିତ ଏକ ଶାନ୍ତି ଚୁକ୍ତି କରିବା ଉଚିତ । ଏହା ସହ ଫ୍ରାନ୍ସରେ ଚାଲିଥିବା ଜି୭ ସମ୍ମିଳନୀରେ ଯୁଦ୍ଧକୁ ଶେଷ କରିବା ପାଇଁ ନିଜ ପକ୍ଷରୁ ସବୁକିଛି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରାନ୍ସର 'ଏଭିଆନ୍-ଲେସ୍-ବେନ୍ସ'ରେ ଆୟୋଜିତ ଜି୭ ସମ୍ମିଳନୀରେ ଟ୍ରମ୍ପ ଯୋଗ ଦେଇଛନ୍ତି । ଇରାନ ସହିତ ଚାଲିଥିବା ସଂଘର୍ଷର ସମାଧାନ କରିବା ପାଇଁ ଚୁକ୍ତି ସହିତ ଏଠାରେ ପହଞ୍ଚିଛନ୍ତି । ବର୍ତ୍ତମାନ ୟୁକ୍ରେନ ଯୁଦ୍ଧକୁ ଶେଷ କରିବା ଉପରେ ନିଜର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଜେଲେନସ୍କି ଏବଂ ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ ୟୁକ୍ରେନର ସ୍ଥିତି ଏବେ ପୂର୍ବ ଅପେକ୍ଷା ସୁଧୁରିଛି । ମସ୍କୋ ସହିତ ଆଗାମୀ ଶାନ୍ତି ଆଲୋଚନାରେ ନିଜର ପକ୍ଷକୁ ମଜଭୁତ କରିବା ପାଇଁ କିଭ୍ ବର୍ତ୍ତମାନ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ଅଧିକ ସମର୍ଥନ ଚାହୁଁଛି । ମଙ୍ଗଳବାର ଏକ ରୁଦ୍ଧ ଦ୍ୱାର ବୈଠକରେ ୟୁକ୍ରେନ ନେତା ଏବଂ ଅନ୍ୟ ଜି୭ ରାଷ୍ଟ୍ରପତିମାନଙ୍କ ସହ ହୋଇଥିବା ଆଲୋଚନାକୁ ଟ୍ରମ୍ପ ପ୍ରଶଂସା କରିଛନ୍ତି । ସମ୍ମିଳନୀରେ ଜେଲେନସ୍କି, ଟ୍ରମ୍ପ ଏବଂ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ହୋଇଥିବା ଆଲୋଚନାର କିଛି ଫଟୋ ୟୁକ୍ରେନ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସେୟାର କରାଯାଇଛି । ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି, 'ମୁଁ ଯାହା କରିପାରିବି, ତାହା କରିବି। ମୁଁ ଆଠଟି ଯୁଦ୍ଧର ସମାଧାନ କରିଛି । ଏହି ଯୁଦ୍ଧଟି ସବୁଠାରୁ ସହଜରେ ସମାଧାନ ହୋଇଯିବ ବୋଲି ମୁଁ ଭାବିଥିଲି ।' ଜେଲେନସ୍କି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, 'ମୁଖ୍ୟ ଲକ୍ଷ୍ୟ ହେଉଛି ୟୁକ୍ରେନ ପାଇଁ ଏୟାର ଡିଫେନ୍ସକୁ ମଜଭୁତ କରିବା ଏବଂ କୂଟନୀତିକୁ ଆଗକୁ ବଢ଼ାଇବା, ଯେପରି ରୁଷ ଏହି ଯୁଦ୍ଧ ବନ୍ଦ କରିବ । ଶାନ୍ତିର ଆବଶ୍ୟକତା ରହିଛି ।' ୟୁରୋପୀୟ କୂଟନୀତିଜ୍ଞମାନେ କହିଛନ୍ତି ଯେ ଏହି ବୈଠକର ଆଭିମୁଖ୍ୟ ସକାରାତ୍ମକ ଥିଲା । ଯୁଦ୍ଧକ୍ଷେତ୍ରର ସ୍ଥିତି ଏବେ ୟୁକ୍ରେନ ସପକ୍ଷରେ ଅଛି ବୋଲି ଜି୭ ନେତାମାନେ ମତ ଦେଇଛନ୍ତି । ସେମାନେ କିଭ୍ ?କୁ ଅଧିକ ବାୟୁ ସୁରକ୍ଷା କ୍ଷମତା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହ ପୂର୍ବରୁ ଆମେରିକା ରଖିଥିବା ଚୁକ୍ତିର ସର୍ତ୍ତଗୁଡ଼ିକ ମସ୍କୋ ସପକ୍ଷରେ ଅଧିକ ଥିଲା ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ବୁଝାଇବାକୁ ଚାହୁଁଥିଲେ ।

## ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭିସା ଦେବାକୁ ମନା କଲା ଆମେରିକା



ନୂଆଦିଲ୍ଲୀ,୧୬।୬: ଇସ୍ରାଏଲକୁ ଆମେରିକା ଆଉ ଏକ ବଡ଼ ଝଟକା ଦେଇଛି। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ବେନ୍ ଗଭିରଙ୍କୁ ଆମେରିକା ଭିସା ଦେବାକୁ ମନା କରାଯାଇଛି। ଇସ୍ରାଏଲୀ ଗଣମାଧ୍ୟମ ହାରେଜ୍ ଅନୁଯାୟୀ, ଗଭିର ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମେରିକାର ମିଆମି ଯାତ୍ରା କରିବାକୁ ଯୋଜନା କରିଥିଲେ। କିନ୍ତୁ ଆମେରିକା ଦୂତାବାସରୁ ଭିସା କ୍ଲିୟରାନ୍ସ ଅଭାବରୁ ସେ ତାଙ୍କ ଯାତ୍ରା ବାତିଲ କରିଛନ୍ତି। ରିପୋର୍ଟ ଅନୁଯାୟୀ ସୋମବାର ଦିନ ଗଭିର ତେଲ ଅଭିଭରେ ଥିବା ଆମେରିକୀୟ ଦୂତାବାସ ସହିତ ଭିସା ପାଇଁ ଯୋଗାଯୋଗ କରିଥିଲେ। ଦୂତାବାସର ଅଧିକାରୀମାନେ ତାଙ୍କୁ ବ୍ୟକ୍ତିଗତ ଭାବରେ ସେମାନଙ୍କ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ଦୂତାବାସ ବ୍ୟାଖ୍ୟା କରିଥିଲା ଯେ, ଗଭିରଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ଅଛି। ତେଣୁ ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବା ଜରୁରୀ। ଯେତେବେଳେ ବେନ୍ ଗଭିର ଦୂତାବାସରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହୋଇ ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବାକୁ ମନା କରିଦେଲେ, ସେତେବେଳେ ଆମେରିକା ଦୂତାବାସ ତାଙ୍କୁ ଭିସା ନ ଦେବାକୁ ନିଷ୍ପତ୍ତି ନେଇଥିଲା, ଯାହା ପରେ ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ ବାତିଲ କରିଥିଲେ। ଜେରୁସାଲେମ ପୋଷ୍ଟ ଅନୁଯାୟୀ, ପ୍ରଥମ ଥର ପାଇଁ ଆମେରିକାର ଦୂତାବାସ ଜଣେ ଇସ୍ରାଏଲୀମନ୍ତ୍ରୀଙ୍କ ସହ ଏପରି ବ୍ୟବହାର କରିଛି। ଇସ୍ରାଏଲୀ ମନ୍ତ୍ରୀମାନଙ୍କୁ ଯାତ୍ରା କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସାଧାରଣତଃ ଆମେରିକା ପକ୍ଷରୁ ସ୍ୱତନ୍ତ୍ର ଭିସା ପ୍ରଦାନ କରାଯାଇଥାଏ। ଇସ୍ରାଏଲ ଗଣମାଧ୍ୟମ ଏଭଳି ବ୍ୟବହାରକୁ କଡ଼ା ନିନ୍ଦା କରିଥିବାବେଳେ ଇସ୍ରାଏଲୀ ବୈଦେଶିକ ମନ୍ତ୍ରଣାଳୟ କୌଣସି ସରକାରୀ ମନ୍ତବ୍ୟ ଜାରି କରିନାହିଁ ।

## ଜାତିସଂଘ ସୁରକ୍ଷା ପରିଷଦରେ ଭାରତ

# ଆସନ ସଂଖ୍ୟା ବୃଦ୍ଧି ନ କଲେ ପରିବର୍ତ୍ତନ ଆସିବନି

ନୂଆଦିଲ୍ଲୀ,୧୬।୬ : ଭାରତ ଜାତିସଂଘ ସୁରକ୍ଷା ପରିଷଦ ସଂସ୍କାର ଉପରେ ଚାଲିଥିବା ଅଚଳାବସ୍ଥାକୁ ସମାଲୋଚନା କରିଛି ଏବଂ ପାଠ୍ୟ-ଭିତ୍ତିକ ଆଲୋଚନା ତୁରନ୍ତ ଆରମ୍ଭ କରିବାକୁ ଦାବି କରିଛି । ଭାରତ ଜାତିସଂଘ ସୁରକ୍ଷା ପରିଷଦର ସମ୍ପ୍ରସାରଣ ଉପରେ ନିଜର ମତାମତ ରଖିଛି। ଭାରତ ଆନ୍ତଃସରକାରୀ ଆଲୋଚନା (ଆଇଜିଏନ)ର ସହ-ଅଧକ୍ଷମାନଙ୍କୁ ସ୍ଥାୟୀ ଆସନ ବିସ୍ତାର କରିବା ସପକ୍ଷରେ ବିଶ୍ୱ ସହମତିକୁ ଦୁର୍ବଳ କରୁଥିବା ଅଭିଯୋଗ କରିଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନୀ ହରିଶ କହିଛନ୍ତି ଯେ, ସଂସ୍କାରର ବର୍ତ୍ତମାନର ଖସଡ଼ା ୧୯୩ ସଦସ୍ୟ ବିଶିଷ୍ଟ ସଂଗଠନରେ ଗଣତାନ୍ତ୍ରିକ ସଂଖ୍ୟାଗରିଷ୍ଠତାକୁ ଦୁର୍ବଳ କରୁଛି । ସେ ଆଇଜିଏନ ସହ-ଅଧକ୍ଷଙ୍କ 'ଏଲିମେଣ୍ଟସ୍ ପେପର'କୁ ସମାଲୋଚନା କରି କହିଛନ୍ତି, ଏହା ପରିଷଦର ସ୍ଥାୟୀ ସଦସ୍ୟତା ବିସ୍ତାର ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦୃଢ଼ ସମର୍ଥନକୁ ପର୍ଯ୍ୟାପ୍ତ ଭାବରେ ପ୍ରତିଫଳିତ କରୁନାହିଁ। ସୁରକ୍ଷା ପରିଷଦ ସଂସ୍କାର ଉପରେ ଆନ୍ତଃ-ସରକାରୀ ଢାଞ୍ଚାର ଏକ ବୈଠକରେ ଭାଷଣ ଦେଇ ହରିଶ କହିଛନ୍ତି, ଆଇଜିଏନ ପ୍ରକ୍ରିୟାକୁ ଜାତିସଂଘର ଅନ୍ୟାନ୍ୟ ଆଲୋଚନା ଆଧାରରେ ଗ୍ରହଣ କରାଯିବା ଉଚିତ। ଏହାକୁ ଏକ ଲିଖିତ ପାଠ୍ୟ ମାଧ୍ୟମରେ ପରିଚାଳିତ କରାଯିବା ଉଚିତ। ଆଇଜିଏନ ଅନ୍ୟ ଜାତିସଂଘ ପ୍ରକ୍ରିୟାଗୁଡ଼ିକଠାରୁ ମୌଳିକ ଭାବରେ ଭିନ୍ନ ନୁହେଁ। ସେଥିପାଇଁ ଏହାର ଆଲୋଚନା ଏକ ପାଠ୍ୟ ଉପରେ ଆଧାରିତ ହେବା ଜରୁରୀ। ଭାରତ, ଜି-୪ ଦେଶ ଭାରତ, ବ୍ରାଜିଲ, ଜର୍ମାନୀ ଏବଂ ଜାପାନ ତଥା ନିଜ ପକ୍ଷରୁ ଏକ ପ୍ରମୁଖ ତ୍ରୁଟି ଦର୍ଶାଇଛି। ଏଲିମେଣ୍ଟସ୍ ପେପର କେବଳ ସ୍ଥାୟୀ ଆସନର ବିସ୍ତାର ଦାବିକୁ 'ପର୍ଯ୍ୟାପ୍ତ ସମର୍ଥନ' ଭାବରେ ବର୍ଣ୍ଣନା କରିଥିଲା। ଭାରତ ଯୁକ୍ତି ଦେଇଛି ଯେ,




୧୨୨ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୧୧୩ ଅବା ୯୩ ପ୍ରତିଶତ ସ୍ଥାୟୀ ଏବଂ ଅସ୍ଥାୟୀ ଉଭୟ ବର୍ଗରେ ବିସ୍ତାର ସପକ୍ଷରେ ସ୍ପଷ୍ଟ ଭାବରେ ଭୋଟ ଦେଇଛନ୍ତି। ଭାରତ ଅଭିଯୋଗ ଆଣିଛି ୧୨ ଜଣିଆ ସଂଖ୍ୟାଲଘୁ ଗୋଷ୍ଠୀର ମତାମତକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି। ସେ ଇଟାଲୀ ଏବଂ ପାକିସ୍ତାନ ଦ୍ୱାରା ପରିଚାଳିତ ୟୁନିଟିଂ ଫର କନସେନ୍ସସ ଗୋଷ୍ଠୀକୁ ଲକ୍ଷ୍ୟ କରି ଏଭଳି କହିଛନ୍ତି। ଏହି ଗୋଷ୍ଠୀ ସ୍ଥାୟୀ ଆସନ ବିସ୍ତାରକୁ ବିରୋଧ କରୁଛି। ଭାରତ ଜୋର ଦେଇ କହିଛି ଯେ, ଯଦି ଆଇଜିଏନ ପାଠ୍ୟ ବାସ୍ତବ ଆଲୋଚନାରେ ପରିଣତ ନ ହୁଏ, ତେବେ ଏହା ଏକ କେବେ ଶେଷ ନହେଉଥିବା ବିତର୍କ ହେବାର ଆଶଙ୍କା ରହିଛି। ହରିଶ ସୁରକ୍ଷା ପରିଷଦ ସଦସ୍ୟତାର କେବଳ ଅସ୍ଥାୟୀ ବର୍ଗକୁ ବିସ୍ତାର କରିବା ପ୍ରସ୍ତାବକୁ ବିଫଳତା ବୋଲି କହିଛନ୍ତି। ସ୍ଥାୟୀ ସଦସ୍ୟତାକୁ ବିସ୍ତାର ନକଲେ ବ୍ରିଟେନ, ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ରୁଷ ଏବଂ ଚୀନ୍ ଆଦି ପି-୫ର ନିଷ୍ପତ୍ତି ଗ୍ରହଣ କ୍ଷମତା ଗଠନକୁ ମୌଳିକ ଭାବରେ ପରିବର୍ତ୍ତନ କରିହେବ ନାହିଁ। ସଦସ୍ୟ ରାଷ୍ଟ୍ରଗୁଡ଼ିକ ପ୍ରକୃତ ତଥା ଅର୍ଥପୂର୍ଣ୍ଣ ସଂସ୍କାର ପାଇଁ ଅପେକ୍ଷା କରିଛନ୍ତି। ଯଦି ବିସ୍ତାର କେବଳ ଅସ୍ଥାୟୀ ବର୍ଗ ପର୍ଯ୍ୟନ୍ତ ସୀମିତ ରହେ, ତେବେ ଜାତିସଂଘ ସଂସ୍କାର ଅପର୍ଯ୍ୟାପ୍ତ ଏବଂ ବିଫଳ ହେବ ବୋଲି ସେ କହିଛନ୍ତି।

CMYK



# କୋଡ଼ିଙ୍ଗାରେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ମାମଲା: ଜଣେ ଗିରଫ

ନବରଙ୍ଗପୁର:ବହୁ ଚର୍ଚ୍ଚିତ ନବରଙ୍ଗପୁର ଜିଲାର କୋଡ଼ିଙ୍ଗା ଥାନାର ଚଚରାଗୁଡ଼ା ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଏ ସଂପର୍କରେ ମଙ୍ଗଳବାର ଜିଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ପାର୍ଥ ଜଗଦିଶ କଶ୍ୟପ ଯୋଗଦେଇ ସୂଚନା ଦେଇଛନ୍ତି। ଗତ ୧୫.୦୬.୨୦୨୬ ଦିନ ଅପରାହ୍ନ ୨.୫୦ ସମୟରେ କୋଡିଙ୍ଗା ଥାନା ଅନ୍ତର୍ଗତ ଚଚରାଗୁଡ଼ା ଗ୍ରାମର ଅଭିଯୋଗକାରୀ ଫୁଲସିଂ ଭତ୍ରା ଏକ ଲିଖିତ ରିପୋର୍ଟ ଉପସ୍ଥାପନ କରିଥିଲେ ଯେ, ୧୪.୦୬.୨୦୨୬ ରାତି ପ୍ରାୟ ୯.୦୦ ସମୟରେ ତାଙ୍କ ଭଉଣୀ ଚନ୍ଦ୍ରା ଭତ୍ରା (୨୨ ବର୍ଷ) ତାଙ୍କ ବନ୍ଧୁମାନଙ୍କ ସହିତ ରଜ ପାଳନ କରିବା ପାଇଁ ମୋବାଇଲ ଫୋନ୍ ଧରି ଘରୁ ବାହାରିଥିଲେ। ୧୫.୦୬.୨୦୨୬ ଦିନ ପ୍ରାୟ ୫.୦୦ ସମୟରେ ସେ ଦେଖିଲେ ଯେ, ତାଙ୍କ ଭଉଣୀ ତାଙ୍କ ଘର ସମ୍ମୁଖରେ ଅଚେତ ଅବସ୍ଥାରେ ପଡ଼ିଛନ୍ତି। ପରିବାର ଲୋକ ତାଙ୍କୁ ଉଠାଇବାକୁ ଚେଷ୍ଟା କଲେ ଏବଂ ଦେଖିଲେ ଯେ ଚନ୍ଦ୍ରା ଭତ୍ରା ମୃତ ଏବଂ ତାଙ୍କ ପାଖରୁ ମୋବାଇଲ୍ ନାହିଁ। ସେମାନେ ସନ୍ଦେହ କରିଥିଲେ ଯେ, ଅଜଣା ବ୍ୟକ୍ତି ତାଙ୍କ ଭଉଣୀଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଛନ୍ତି। ଏହି ଏତଲାକୁ ଆଧାର କରି ପାପଡାହାଣ୍ଡିର ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲ। ତଦନ୍ତ ସମୟରେ, ବୈଷୟିକ ସୂଚନା ଆଧାରରେ ପୁଲିସ ଅଭିଯୁକ୍ତ ଚଚରାଗୁଡ଼ା ଗ୍ରାମର ଦଶରଥ ମାଝୀଙ୍କୁ ଗିରଫ କରିଛି। ପଚରାଉଚରା ସମୟରେ, ଦଶରଥ ମାଝୀ ନିଜର ଦୋଷ ସ୍ୱୀକାର କରିଥିଲା ଏବଂ କହିଥିଲା ଯେ,ସେ ପଡ଼ୋଶୀର ଏବଂ ମୃତ ଯୁବତୀଙ୍କ ସହିତ ପରିଚିତ ରହିଛି । ଘଟଣାର ରାତିରେ, ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଉତ୍ତେଜିତ ହୋଇ, ଅଭିଯୁକ୍ତ ପୀଡିତାକୁ ଗଳାକାଟି ହତ୍ୟା କରି ଅପରାଧ କରିଥିଲା। ଅଭିଯୁକ୍ତ ପ୍ରମାଣ ଲୁଚାଇ ତଦନ୍ତକୁ ବିଭ୍ରାନ୍ତ କରିବା ପାଇଁ ଅଭିଯୋଗକାରୀଙ୍କ ଅଗଣାରେ ଶବ ରଖିଥିଲା। ଅପରାଧ ଘଟାଇବା ପାଇଁ ଚଚରାଗୁଡା ଗାଁର ଦଶରଥ ମାଝୀ, ପିତା ସ୍ୱର୍ଗତ ସନଧର ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାର ଅଧିକ ତଦନ୍ତ ଚାଲିଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି

# ଭିଜିଲାନ୍ସ ଜାଲରେ ଆରଆଇ

ଜୟପୁର:ବୋରିଗୁମ୍ମା ତହସିଲ ଅନ୍ତର୍ଗତ କଷାଗୁଡା ସର୍କଲର ମହିଳା ଆରଆଇ ଶୈଳବାଳା ଚାରି ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।ପ୍ରାପ୍ତ ସୂଚନା ଅନୁଯାୟୀ କଷାଗୁଡା ଆରଆଇ ସର୍କଲ ର ଜଣେ ହିତାଧିକାରୀ ମତ୍ସ ପୋଖରୀ ଯୋଜନା ନିମନ୍ତେ ଟ୍ରେସ ମ୍ୟାପ ପାଇଁ କାର୍ଯ୍ୟରତ ମହିଳା ଆରଆଇ ଶୈଳବାଳା ନାୟକଙ୍କ ନିକଟକୁ ଯାଇଥିଲେ ।ଆରଆଇ ଚାରି ହଜାର ଟଙ୍କା ଦେଲେ ଟ୍ରେସ ମ୍ୟାପ ଦେବି ବୋଲି କହିଥିଲେ। ଶେଷରେ ହିତାଧିକାରୀ ଜଣଙ୍କ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ ।ମଙ୍ଗଳବାର ଆରଆଇ ଚାରି ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ।ଅଧିକ ତଦନ୍ତ ନିମନ୍ତେ ଆରଆଇଙ୍କୁ ଜୟପୁର ସ୍ଥିତ ନିଆଯାଇଛି ।ଜୟପୁର ଭିଜିଲାନ୍ସ କେସ ନମ୍ବର –୧୦/୨୦୨୬ ରୁଜୁ କରାଯାଇଛି ବୋଲି ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି।

### ନିଟ-ୟୁଜି ୨୦୨୬ ପରୀକ୍ଷା

# ସ୍ୱଚ୍ଛ ଓ ସୁରକ୍ଷିତ ପରିଚାଳନା ପାଇଁ ଡିଜିପିଙ୍କ ସମୀକ୍ଷା



କଟକ(ନିପ୍ର): ଆସନ୍ତା ୨୧ ତାରିଖରେ ନିଟ୍ ୟୁଜି - ୨୦୨୬ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଏବଂ ସୁରକ୍ଷିତ ଭାବରେ ପରିଚାଳନା କରିବା ପାଇଁ ଡିଜିପି ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହିତ ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମାପ୍ତ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସମସ୍ତ ଜିଲ୍ଲା ଏସପି ଏବଂ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ସିସିଟିଭି ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକରର ନିରାପତ୍ତା, ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ପରିଚାଳନା ଏବଂ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ସୋସିଆଲ ମିଡିଆ ମନିଟରିଂକୁ ଅଧିକ ସକ୍ରିୟ, ସାଇବର ସେଲ୍‌କୁ ସତର୍କ, ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର ଉପରେ କଡ଼ା ନଜର ରଖିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାର ପୂର୍ବ ପରୀକ୍ଷଣ ଓ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଓଏମଆର ସିଟ୍‌ଗୁଡ଼ିକୁ ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଡିଜିପି ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ପୋଲିସ ପ୍ରଶାସନ ସଦା ସର୍ବଦା ସତର୍କ, ସଜାଗ ଓ ପ୍ରସ୍ତୁତ ରହିବାକୁ ସେ ସମସ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଏବଂ ଆଇଜି (କେନ୍ଦ୍ରାଞ୍ଚଳ) ଡ଼. ସତ୍ୟଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜିପି/ଡିଆଇଜିପି ଓ ଜିଲ୍ଲା ଏସପିମାନେ ବୈଠକରେ ଯୋଗଦେଇଥିଲେ।

# ଅଣଓଡ଼ିଆ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗ



କେନ୍ଦ୍ରାପଡ଼ା: ରାଜ୍ୟରେ ମହିଳା ଓ ନାବାଳିକାଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଛି ବଡ଼ ପ୍ରଶ୍ନ। କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ପରିବାର ଅଣଓଡ଼ିଆ ହୋଇଥିବା ବେଳେ ସେମାନେ ସ୍ଥାନୀୟ ଅଞ୍ଚଳରେ ଝାଡୁ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ। ସୋମବାର ରାତିରେ କିଛି ଦୁର୍ବୃତ୍ତ ଘରୁ ନାବାଳିକାଙ୍କୁ ଛୁରି ଦେଖାଇ ଜବରଦସ୍ତ ଉଠାଇ ନେଇଥିବା ଅଭିଯୋଗ ହୋଇଛି ।ପରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଏକାଧିକ ଯୁବକ ଦୁଷ୍କର୍ମ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣା ପରେ ପୀଡ଼ିତା ଓ ତାଙ୍କ ପରିବାର ସଦର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଛି। ମାମଲାରେ ଜଡ଼ିତ ସନ୍ଦେହରେ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରୁଥିବା ବେଳେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯିବ ।ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଆକ୍ରୋଶ ଦେଖାଦେଇଛି। ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।ଉଲ୍ଲେଖଯୋଗ୍ୟ ଯେ, ଗତକାଲି ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଅଞ୍ଚଳରେ ମଧ୍ୟ ଜଣେ ଯୁବତୀ ତାଙ୍କ ପ୍ରେମିକ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ଆସିଥିଲା। ଲଗାତାର ଏଭଳି ଘଟଣା ସାମ୍ନାକୁ ଆସୁଥିବାରୁ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ବର୍ତ୍ତମାନ ପୋଲିସ ମାମଲାର ତଦନ୍ତ ଜାରି ରଖିଛି ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଚାଲିଥିବା ସୂଚନା ମିଳିଛି।

# କ୍ରସର ବ୍ୟବସାୟୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

## ୩ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ବଲାଙ୍ଗୀର: ମାତ୍ର ୩୦ ହଜାର ଟଙ୍କା ପାଇଁ ବିଛାଯାଇଥିଲା ହତ୍ୟାର ଯୋଜନା। ଟଙ୍କା ନ ଦେବାରୁ ଜଣେ କ୍ରସର ବ୍ୟବସାୟୀଙ୍କ ଉପରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ଟିଟିଲାଗଡ଼ର ଏହି ଚାଞ୍ଚଲ୍ୟକର ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ ।ଯୁବ ବ୍ୟବସାୟୀ ଶମ୍ଭୁ ଅଗ୍ରୱାଲ ନିଜ କ୍ରସରରୁ ଫେରୁଥିବା ବେଳେ ମ୍ୟୁନିସିପାଲିଟି ଡମ୍ପିଂ ୟାର୍ଡ ନିକଟରେ ତାଙ୍କ ଉପରେ ହୋଇଥିଲା ପ୍ରାଣଘାତୀ ଆକ୍ରମଣ। ଏକ ଷ୍ଟିକ୍‌ରେ ମୁଣ୍ଡକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ତେବେ ସୌଭାଗ୍ୟବଶତଃ ଶମ୍ଭୁ ପ୍ରାଣ ବଞ୍ଚାଇବାରେ ସଫଳ ହୋଇଥିଲେ ।ଘଟଣା ପରେ ଟିଟିଲାଗଡ଼ ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ଆରମ୍ଭ କରିଥିଲା ତଦନ୍ତ। ମାମଲାର ଗୁରୁତ୍ୱକୁ ଦେଖି ବଲାଙ୍ଗିର ଏସପି ଅଭିଲାଷ ଜି ନିଜେ ତଦନ୍ତର ତଦାରଖ କରିଥିଲେ। ତଦନ୍ତ ପରେ ବିଜେପୁର ଅଞ୍ଚଳର ସନ୍ତୋଷ ରଣା, ଶୁଭମ ରଣା ଓ ଟିଟିଲାଗଡ଼ର ଆଲୋକ ଦାଶଙ୍କୁ ଗିରଫ କରିଛି ପୋଲିସ ।ପୋଲିସ ସୂଚନା ଅନୁସାରେ, ବିଜେପୁର ଅଞ୍ଚଳରେ ଏକ ଜମି କିଣାବିକାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ ବ୍ୟବସାୟୀଙ୍କୁ ୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ମିଳିବା ପରେ ଆକ୍ରମଣର ଷଡ଼ଯନ୍ତ୍ର ରଚାଯାଇଥିଲା।

### ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା

# ମୃତ୍ୟୁ ପୂର୍ବରୁ ଚାପରେ ଥିଲେ, ଚାଟିଂ ଓ କଲ୍ ରେକର୍ଡିଂ ଯାଞ୍ଚ ଚାଲିଛି: ଡିସିପି

କଟକ(ନିପ୍ର): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତ୍ୟୁ ଘଟଣା। ବଢ଼ିଲା ପ୍ରେମିକ ଭୀମସେନ ଟୁଡୁଙ୍କ ଅଡୁଆ । ଆଗକୁ ଭୀମସେନଙ୍କୁ ରିମାଣ୍ଡରେ ଆଣି ଜେରା କରିବ ବାରଙ୍ଗ ପୋଲିସ। ଏଥିପାଇଁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି। ଭୀମସେନ ଟୁଡୁ ଓ ତାଙ୍କ ନୂଆ ପ୍ରେମିକା ପୋଲିସ ସ୍କାନରରେ ଅଛନ୍ତି। ଓଏଏସ୍ ପ୍ରେମିକ ଓ ଚନ୍ଦ୍ରିକାଙ୍କ ସମ୍ପର୍କରେ ମଧ୍ୟ କଣ ବିବାଦ ଥିଲା ତାର ଖିଅ ଯୋଡିବାକୁ ବାରଙ୍ଗ ପୋଲିସ ତଦନ୍ତ ଚଳାଇଛି। ଉଦଳା ସ୍ଥିତ ଚନ୍ଦ୍ରିକାଙ୍କ ଘରୁ ଡିଜିଟାଲ ତଥ୍ୟ ସଂଗ୍ରହ ହୋଇଛି। ଏନେଇ କଟକ ଡିସିପି ଖିଲାରି ଋଷିକେଶ ଜ୍ଞାନଦେଓ ପ୍ରେସ୍ ମିଟ୍‌ରେ ସୂଚନା ଦେଇଛନ୍ତି। ଡିସିପି ଆହୁରି ମଧ୍ୟ କହିଛନ୍ତି ଯେ, ଉଦଳାରେ ବାରଙ୍ଗ ପୁଲିସ ଚନ୍ଦ୍ରିକାଙ୍କ ମା, ଭାଇ, ସମ୍ପର୍କୀୟଙ୍କୁ ପଚରାଉଚରା କରି ଫେରିଛି। ମୃତ୍ୟୁ ପୂର୍ବରୁ ଚନ୍ଦ୍ରିକା ଓ ତାଙ୍କ ମାଆଙ୍କ ହ୍ୱାଟସଆପ୍ ଚାଟ୍ ହସ୍ତଗତ ହୋଇଛି। ଅଭିଯୁକ୍ତ ଭୀମସେନ ବାବଦରେ ମାଆ, ଝିଅଙ୍କ ମଧ୍ୟରେ ଚାଟିଂ ହୋଇଥିଲା। ଆଇନଗତ ପଦକ୍ଷେପ ନଚେତ କିଛି ବଡ଼ ପଦକ୍ଷେପ ନେବି ବୋଲି ଚନ୍ଦ୍ରିକା ଲେଖିଥିଲେ । ମୁଁ ଯଦି କିଛି ପଦକ୍ଷେପ ନେଉଛି ତାହେଲେ ତେବେ ତୁମେ ପୁରୁଷ ବନ୍ଧୁ ଭୀମସେନ ବିରୋଧରେ କେସ ଦେବାକୁ ଚନ୍ଦ୍ରିକା ମାଙ୍କୁ ମେସେଜ କରିଥିଲେ। ପୁଲିସ ଦୁଇ ଜଣଙ୍କ ମୋବାଇଲ ଜବତ କରିଛି। ସେହିଭଳି ଭୀମସେନ ଓ ଚନ୍ଦ୍ରିକାଙ୍କ ମାଆ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ଅଡିଓ ମଧ୍ୟ ମିଳିଛି । ଏହି ଡିଜିଟାଲ୍ ତଥ୍ୟକୁ ପ୍ରମାଣ ଭାବେ ବିବେଚନା କରାଯିବ । ଭୀମସେନକୁ ରିମାଣ୍ଡରେ ଆଣି ପଚରା ଉଚରା କରାଯିବ। ଚନ୍ଦ୍ରିକା ଭୁବନେଶ୍ୱର ଆସି କାହା ପାଖେ ରହୁଥିଲେ ସେ ସବୁ ଦିଗରେ ମଧ୍ୟ ତଦନ୍ତ କରାଯାଉଛି।

# ପୂର୍ବ ଆକ୍ରୋଶ ରଖି ସ୍ୱାମୀ-ସ୍ତ୍ରୀଙ୍କୁ ଆକ୍ରମଣ

ପିପିଲି(ନିପ୍ର): ପୂର୍ବ ଆକ୍ରୋଶ ରଖି ସ୍ୱାମୀ ଓ ସ୍ତ୍ରୀକୁ ଆକ୍ରମଣ କରି ବ୍ୟବହାର ଫୋନ ଭାଙ୍ଗି ଦେଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପିପିଲି ପୋଲିସ ଅଭିଯୋଗକୁ ଗ୍ରହଣକରି ପିପିଲି ଥାନା କେସ ନଂ ୩୮୮/୨୬ ମାମଲା ଆଗତ କରି ତଦନ୍ତ ଦାୟିତ୍ୱ ଥାନାର ଏଏସଆଇ ସୁନୀଲ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ସୂଚନା ଅନୁଯାୟୀ ଲକ୍ଷ୍ମୀନାରାୟଣପୁର ଗ୍ରାମର ସଂଘମିତ୍ରା ନାୟକ ଅଭିଯୋଗରେ ଦର୍ଶାଇଛନ୍ତି ସଂଘମିତ୍ରା ଓ ତାଙ୍କ ସ୍ୱାମୀ ଘରୁ ଗାଡି ବାହାର କରି ବାହାରକୁ ଯାଉଥିବା ବେଳେ ସେହି ସମୟରେ ପଡୋଶୀ ଜାଗାବାଡ଼ି ବିଷୟ ଆଲୋଚନା କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜକରି କାଠ ଫାଳିଆରେ ଆକ୍ରମଣ କରିଛନ୍ତି । ସେହି ଆକ୍ରମଣ ସମୟରେ ସଂଘମିତ୍ରା ପୋଲିସର ସହାୟତା ପାଇଁ ୧୧୨କୁ ଯୋଗାଯୋଗ କରିଥିବା ବେଳେ ଅଭିଯୁକ୍ତମାନେ ବ୍ୟବହାର ଫୋନକୁ ବାଡେଇ ଭାଙ୍ଗି ଦେଇଥିଲେ । ଘଟଣା ଘଟିବା ସମୟରେ ସ୍ଥାନୀୟ ଲୋକ ଆସିବାରୁ ଆସାମୀମାନେ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ଯାହାକି ଏନେଇ ଥାନାରେ ଅଭିଯୋଗ ହୋଇଛି ।

# ମହିଳାଙ୍କୁ ଗାଳି ଗୁଲଜ: ଥାନାରେ ମାମଲା

ପିପିଲି(ନିପ୍ର): ପିପିଲି ଥାନା ଅଧୀନ କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଏକ ଗ୍ରାମର ଦଳିତ ମହିଳାଙ୍କୁ ପଡୋଶୀ ଗ୍ରାମର ଜଣେ ବ୍ୟକ୍ତି ଅସଭ୍ୟ ଭାଷାରେ ଗାଳିଗୁଳଜ କରି ପିନ୍ଧା ଲୁଗା ଚିରାଚିରି କରି ଦେଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପିପିଲି ପୋଲିସ ଅଭିଯୋଗକୁ ଆଧାର କରି ପିପିଲି ଥାନା କେସ ନଂ ୩୮୭/୨୬ ମାମଲା ଆଗତ କରି ତଦନ୍ତ ଚଳାଇଛି । ସମ୍ପୃକ୍ତ ବ୍ୟକ୍ତି ଜଣକ ଦଳିତ ସାହିକୁ ବାରମ୍ବାର ଯାଇ ମହିଳାଙ୍କୁ ଇଙ୍ଗିତ କରୁଥିବା ନେଇ ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି ।

# ଉପବାଚସ୍ପତିଙ୍କ ଦସ୍ତଖତକୁ ଜାଲିଆତି ଅଭିଯୋଗ

ଭୁବନେଶ୍ୱର: ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତକୁ ରାଜ୍ୟ ସରକାରଙ୍କ ଦୁଇଜଣ ଇଞ୍ଜିନିୟର ଜାଲିଆତି କରିଥିବା ଭଳି ସଙ୍ଗୀନ ଅଭିଯୋଗ ପଦାକୁ ଆସିଛି। ଏନେଇ କ୍ୟାପିଟାଲ ଥାନାରେ ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ଲିଖିତ ଅଭିଯୋଗ ପରେ ପ୍ରଶାସନିକ ମହଲରେ ଝଡ଼ ସୃଷ୍ଟି ହୋଇଛି। କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇଜଣ ସରକାରୀ କର୍ମଚାରୀ(ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି। ବାଂଶପାଳ ବ୍ଲକର ଜଣେ ଅତିରିକ୍ତ ସହକାରୀ ଯନ୍ତ୍ରୀ(ଏଇଇ) ଓ ହରିଚନ୍ଦନପୁର ବ୍ଲକ ଜଣେ ଅତିରିକ୍ତ ସହକାରୀ ଯନ୍ତ୍ରୀ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଛନ୍ତି। ସେମାନେ ନିଜର ବଦଳି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ସଦର ବ୍ଲକକୁ କରାଇବା ପାଇଁ ଏକ ଅଭିନବ ଉପାୟ ଆପଣାଇଥିବା କୁହାଯାଇଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସେମାନଙ୍କ ବଦଳି ସୁପାରିସ ପାଇଁ କୌଣସି ଚିଠି ଜାରି କରାଯାଇ ନଥିଲେ ମଧ୍ୟ ସେମାନେ ଉପବାଚସ୍ପତିଙ୍କ ଅଫିସିଆଲ୍ ଡି.ଓ. ପ୍ୟାଡର ଅପବ୍ୟବହାର କରିବା ସହ ତାଙ୍କର ଜାଲ୍ ଦସ୍ତଖତ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିଥିବା କୁହାଯାଇଛି।

# ଗଞ୍ଜେଇ ସହ କାର୍ ଜବତ: ଜଣେ ଗିରଫ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ମଙ୍ଗଳବାର ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ, ଆଇସି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଧାକାନ୍ତ ଭୋଇ ଏବଂ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଏହି ଅପରେସନ ଯୋଜନା କରାଯାଇଥିଲା। ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଅପରାହ୍ନ ପ୍ରାୟ ୧୨ଟା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ନେଇ ଖବର ମିଳିଥିଲା। ସୂଚନାକୁ ଆଧାରକରି ଅବକାରୀ ଦଳ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଅପେକ୍ଷାକରି ବସିଥିଲେ। ଏହି ସମୟରେ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଧଳା ରଙ୍ଗର ଡିଜାୟର କାର୍ (ଓଡ଼ି ୦୨ ସି ଡବ୍ଲ୍ୟୁ ୬୫୩୧)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ି ଭିତରୁ ୩ଟି ବସ୍ତାରେ ଭର୍ତ୍ତି ହୋଇଥିବା ୬୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ କାର୍ ଚାଳକ ଅମିତ୍ କୁମାର ସାହୁ (୩୨)ଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଫୁଲବାଣୀ ଶୁଣ୍ଡିସାହିର ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ( କେସ ନଂ ୫୬/୨୬-୨୭) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଟାଙ୍ଗୀ ଓଆଇସିଙ୍କ ସମେତ ଖୋର୍ଦ୍ଧା ଓଆଇସି ସୁଜିତ କୁମାର ମୁଦୁଲି, ଏଏସଆଇ ଜିତେନ୍ଦ୍ର ବେହେରା ଏବଂ ଅବକାରୀ କନଷ୍ଟେବଳ ଟିଟୁ ସାହୁ, ଅନିଲ ପ୍ରଧାନ, ମନୋଜ ଜୟସିଂହ ଓ ପ୍ରଣବ ବେହେରା ପ୍ରମୁଖ ସାମିଲ ହୋଇ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

### ମହାକାଳପଡ଼ା ସରପଞ୍ଚ ମାମଲା

# ମାନବାଧିକାର ଆୟୋଗରେ ପହଞ୍ଚିଲା ଘଟଣା, ମାଗିଲେ ୭୦ ଲକ୍ଷର କ୍ଷତିପୂରଣ

କଟକ(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତର ଭାଇରାଲ୍ ସରପଞ୍ଚ ଚମେଲି ଓଝାଙ୍କ ବିବାଦୀୟ ମାମଲାରେ ଏବେ ଯୋଡ଼ି ହୋଇଛି ଏକ ନୂଆ ଏବଂ ସାଂଘାତିକ ଫର୍ଦ୍ଦ। ଗୋଟିଏ ପଟେ ସରପଞ୍ଚ ଜେଲ୍‌ରେ ଥିବା ବେଳେ, ଅନ୍ୟପଟେ ତାଙ୍କ ଉପରେ ହୋଇଥିବା ଅକଥନୀୟ ନିର୍ଯାତନାକୁ ବିରୋଧ କରି ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ସଙ୍ଗୀନ ମାମଲା ଦାଏର କରାଯାଇଛି। ମାନବାଧିକାର ଆୟୋଗରେ ହୋଇଥିବା ଅଭିଯୋଗ ଅନୁସାରେ, ଜଣେ ମହିଳା ସରପଞ୍ଚଙ୍କୁ ମହାକାଳପଡ଼ା ବିଡିଓ, ଥାନା ଅଧିକାରୀ, ବ୍ଲକ କର୍ମଚାରୀ ଏବଂ ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ ସଂଘବଦ୍ଧ ଭାବେ ଅତ୍ୟାଚାର କରିଛନ୍ତି। ତାଙ୍କ ସହ ଅଭଦ୍ର ବ୍ୟବହାର କରିବା, ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା କେସ୍ ଲଦିଦେବା ଏବଂ ବିନା ଦୋଷରେ ମାଡ଼ ମାରିବା ଭଳି ସାଂଘାତିକ ମାନବାଧିକାର ଉଲ୍ଲଂଘନ କରାଯାଇଥିବା ଦର୍ଶାଯାଇଛି। ସଂଗଠନ ପକ୍ଷରୁ ଦାଏର ହୋଇଥିବା ମାମଲାରେ ସ୍ୱଚ୍ଛ ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉପସ୍ଥାପନ କରାଯାଇଛି । ଏଥିସହ ବିଡ଼ିଓଙ୍କ ଚାମ୍ବରରେ ସେଦିନ ପ୍ରକୃତରେ କ’ଣ ଘଟିଥିଲା ଏବଂ କେଉଁ ପରିସ୍ଥିତିରେ ହଙ୍ଗାମା ହେଲା, ତାର ସତ୍ୟାସତ୍ୟ ଜାଣିବା ପାଇଁ ସମ୍ପୂର୍ଣ୍ଣ ସିସିଟିଭି ଫୁଟେଜ୍‌କୁ ସର୍ବସାଧାରଣରେ ପ୍ରକାଶ କରାଯାଉ। ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇ ଜଣ ସରପଞ୍ଚଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କର ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଉ। ୭ ଦିନ ମଧ୍ୟରେ ମାନ୍ୟବର ଆୟୋଗ ଏକ ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ଟିମ୍ ଗଠନକରି ଏହି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ଅନୁସନ୍ଧାନ କରିବା ସହ ବିଡିଓ ଏବଂ ଥାନା ଅଧିକାରୀ ନିଜ କ୍ଷମତାର ଅପବ୍ୟବହାର କରି ମାନବାଧିକାର କ୍ଷୁଣ୍ଣ କରିଥିବାରୁ, ପୀଡ଼ିତାଙ୍କୁ ୭୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି।

# ଚୌଦ୍ୱାର ଜେଲରେ ଗ୍ୟାଙ୍ଗଷ୍ଟରଙ୍କୁ ସ୍ୱାଗତ କରିବା ଭିଡିଓ ଭାଇରାଲ

କଟକ(ନିପ୍ର): କଟକର ଚୌଦ୍ୱାର ସର୍କଲ ଜେଲରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଜେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରେ ଏକ ବିଳାସପୂର୍ଣ୍ଣ ଥର ଏସୟୁଭି ଗାଡି ଜେଲ ପରିସରରେ ପ୍ରବେଶ କରି ଜଣେ ଗ୍ୟାଙ୍ଗଷ୍ଟରଙ୍କୁ ମୁକ୍ତ କରିବା ପରେ ସ୍ୱାଗତ କରିବା ପାଇଁ ପ୍ରବେଶ କରିଥିଲା । ଏହା କେନ୍ଦ୍ରୀୟ ଜେଲ ଭିତରେ ଥିବା ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ସୋସିଆଲ ମିଡିଆରେ ବ୍ୟାପକ ଭାବରେ ପ୍ରସାରିତ ଏହି ଭିଡିଓରେ ଏକ ମହିନ୍ଦ୍ରା ଥର ଗାଡ଼ି ଜେଲ ପରିସରରେ ପ୍ରବେଶ କରୁଥିବା ଦେଖାଯାଇଛି । ଯେତେବେଳେ ଧଳସାମନ୍ତଙ୍କ ସହଯୋଗୀ ଲିଟୁଆ ନାମକ ଗ୍ୟାଙ୍ଗଷ୍ଟର ଏକ ଉତ୍ସବମୁଖୀ ପରିବେଶ ମଧ୍ୟରେ ହସି ହସି ବାହାରକୁ ଚାଲିଯାଉଥିବା ଦେଖାଯାଉଛି । ରିଲ୍ ଫର୍ମାଟରେ ସମ୍ପାଦିତ ଏହି ଫୁଟେଜ୍ ଜେଲ ସୁରକ୍ଷା ପ୍ରୋଟୋକଲର ସ୍ପଷ୍ଟ ଉଲ୍ଲଂଘନ ହୋଇଥିବାରୁ ଏହା ସାଧାରଣ ବିତର୍କ ସୃଷ୍ଟି କରିଛି। ସାଧାରଣତଃ, କେବଳ ଜେଲ ପ୍ରଶାସନ, ପୋଲିସ, କୋର୍ଟ କିମ୍ବା ଅନ୍ୟାନ୍ୟ ସରକାରୀ ସଂସ୍ଥାର ଅନୁମତିପ୍ରାପ୍ତ ଯାନଗୁଡ଼ିକୁ ଜେଲ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏ। ଜଣେ ମୁକ୍ତ କଏଦୀଙ୍କୁ ସ୍ୱାଗତ କରିବା ପାଇଁ ଏକ ଘରୋଇ ଯାନର କଥିତ ପ୍ରବେଶ ଗାଡ଼ିକୁ କିପରି ଭିତରକୁ ଅନୁମତି ଦିଆଯାଇଥିଲା ଏବଂ ଏଥିପାଇଁ ଥିବା ନିୟମ ଅନୁସରଣ କରାଯାଇଥିଲା କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠୁଛି। ଏହି ଘଟଣା ଜେଲରେ ସୁରକ୍ଷା ଦୁର୍ବଳତା ବିଷୟରେ ମଧ୍ୟ ଚିନ୍ତା ସୃଷ୍ଟି କରିଛି। ସମାଲୋଚକମାନେ ପ୍ରଶ୍ନ ଉଠାଇଛନ୍ତି ଯେ ଗାଡିକୁ ପରିସରରେ ପ୍ରବେଶ କରିବାକୁ ଅନୁମତି ଦେବା ପୂର୍ବରୁ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇଥିଲା କି ନାହିଁ। ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ ଯଦି ଗାଡ଼ିଟି କୌଣସି ନିଷିଦ୍ଧ କିମ୍ବା ବିପଜ୍ଜନକ ସାମଗ୍ରୀ ବହନ କରୁଥାନ୍ତା, ତେବେ ଏହା ଜେଲ ସୁରକ୍ଷା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିପାରିଥାନ୍ତା। ଭାଇରାଲ ଭିଡିଓଟି ଚୌଦ୍ୱାର ସର୍କଲ ଜେଲରେ ସୁରକ୍ଷା ବ୍ୟବସ୍ଥା ଉପରେ ପୁନଃ ଧ୍ୟାନ କେନ୍ଦ୍ରିତ କରିଛି । ଅନେକ ଲୋକ ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ଘଟିଥିବା ଯେକୌଣସି ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଜୁଆ ଆଡ୍ଡାରେ ଚଢ଼ାଉ, ଟଙ୍କା, ମୋବାଇଲ ଜବତ: ୭ ଗିରଫ




କଟକ(ନିପ୍ର): ଚୌଦ୍ୱାର ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୭ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ୨୨ ହଜାର ୨୩୦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ବଡ଼ପଡ଼ାଗାଁର ସୁକାନ୍ତ ଜେନା (୨୯), କାହ୍ନୁ ବେହେରା (୪୩), କାଳନ୍ଦୀ ରାଉତ (୪୦), ନାରାୟଣ ପ୍ରଧାନ (୪୩), ଗୋଲକ ବସ୍ତିଆ (୪୫), ପ୍ରମୋଦ ରାଉତ (୫୩) ଏବଂ ଦିଗ୍ୱାନୀ ପାଟଣାର ଦିବାକର ମହାନ୍ତି (୫୩) । ମିଳିଥିବା ସୂଚନା ଅନୁଯାୟୀ ବଡପଦାଗାଁ ଶ୍ମଶାନ କବରସ୍ଥାନ ନିକଟରେ ବେଆଇନ ଜୁଆ ଖେଳ ଚାଲୁଥିବା ନେଇ ଚୌଦ୍ୱାର ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା । ଇନିସ୍ପେକ୍ଟର ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଗତ ସୋମବାର ରାତିରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଜୁଆ ଆଡ୍ଡା ମାଲିକ ଫେରାର ହୋଇଯାଇଥିଲା ବେଳେ ୭ ଜଣ ଯୁଆଡ଼ି ଧରା ପଡ଼ିଥିଲେ । ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

CMYK

### ପୁରୀରେ ସିନିୟର ଡେପୁଟି ଇଲେକ୍ସନ କମିଶନର
# କ୍ଷେତ୍ର ପରିଦର୍ଶନ ସହ ଏସ୍‌ଆଇଆର କାର୍ଯ୍ୟର କଲେ ସମୀକ୍ଷା

**ପୁରୀ,୧୬।୬(ନିପ୍ର):** ଭାରତର ନିର୍ବାଚନ କମିଶନରଙ୍କ ବରିଷ୍ଠ ଡେପୁଟି କମିଶନର ଜ୍ଞାନେଶ ଭାରତୀ ପୁରୀ ଜିଲ୍ଲାର ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଜିଲ୍ଲାରେ ଏସଆଇଆର ସ୍ଥିତି ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ। ପୁରୀ ଜିଲ୍ଲା ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନେଇ ଗଠିତ। ୬ ଜଣ ଇଲୋକ୍ଟ୍ରାଲ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ମୋଟ ୧୬୦୯ ଗୋଟି ବୁଥ ରହିଛି । ସେଥିରେ ୧୬୦୯ ଜଣ ବୁଥ ସ୍ତରୀୟ ପ୍ରଶିକ୍ଷିତ ବିଏଲଓ ବା ବୁଥ ସ୍ତରୀୟ



ଅଧିକାରୀଙ୍କୁ ନିଯୁକ୍ତି କରାଯାଇଛି। ସେମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ପାଇଁ ୧୬୧ ଜଣ ବିଏଲଓ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ଭୋଟର ଙ୍କ ସଂଖ୍ୟା ୧୩୮୭୯୩୦ ଥିବା ବେଳେ ବିଏଲଓମାନେ ବର୍ତ୍ତମାନ ସୁଦ୍ଧା ଶତକଡ଼ା ୯୯.୪୩ ଭାଗ ଫର୍ମ ଭୋଟର ମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଫର୍ମର ଗୋଟିଏ କପି ଭୋଟର ରଖୁଥିବା ବେଳେ ଭୋଟରଙ୍କ ଦ୍ୱାରା ପୂରଣ ଓ ସ୍ୱାକ୍ଷର ହୋଇ ଥିବା ଅନ୍ୟ କପିଟି ବିଏଲଓ ସଂଗ୍ରହ କରୁଛନ୍ତି। ବିଏଲଓମାନେ ଭୋଟରମାନଙ୍କୁ ମଧ୍ୟ ଫର୍ମ ପୂରଣରେ ସହାୟତା କରୁଛନ୍ତି। ସେହିପରି ଭୋଟର ଫର୍ମ ଗୁଡିକର ଡିଜିଟାଇଜେସନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଶତକଡ଼ା ୪୦.୬୭ ଭାଗ ଡିଜିଟାଇଜେସନ ସରିଛି ବୋଲି ଜିଲ୍ଲାପାଳ ପାୱାର ପଏଣ୍ଟ ମାଧ୍ୟମରେ ସୂଚନା ଦେଇଥିଲେ। ଡେପୁଟି କମିଶନର ଭାରତୀ ଏସଆଇଆର ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ ଓ ଜିଲ୍ଲାପାଳ ଶ୍ରୀ ପରିଡା ଏହାର ଉତ୍ତର ପ୍ରଦାନ କରିଥିଲେ। ଏହି ସମୀକ୍ଷାରେ ଭାରତର ନିର୍ବାଚନ କମିଶନରଙ୍କ ପ୍ରମୁଖ ସଚିବ ଏସ ବି ଯୋଶୀ, ଡେପୁଟି ସେକ୍ରେଟାରୀ ଅଭିନବ ଅଗ୍ରୱାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି ସିଇଓ ଡ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସାକ୍ଷାତ୍ ଆଲୋଚନା କରିଛନ୍ତି (ଫଟୋ- ଦିନଲିପି)

## ସାମାନ୍ୟ ବଚସାରୁ ନାବାଳକଙ୍କୁ ହତ୍ୟା

**ବ୍ରହ୍ମପୁର, ୧୬/୬(ନିପ୍ର):** ସାମାନ୍ୟ ବଚସାରୁ ବ୍ରହ୍ମପୁର ଉପକଣ୍ଠରେ ଜଣେ ନାବାଳକଙ୍କୁ ମାଡ ମାରି ହତ୍ୟା କରାଯାଇଛି। ମୃତକ ଜଣଙ୍କ ହେଲେ ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆର ଆଇ. ଭାସ୍କରଙ୍କ ପୁଅ ଆଇ. ସନିଆ(୧୭)। ପୁଲିସ ଏମକେସିଜି ମେଡିକାଲରୁ ତାଙ୍କ ମୃତଦେହ ଜବତ କରିଛି। ଏକାଧିକ ଯୁବକଙ୍କ ମାଡରେ ସନିଆଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହି ଘଟଣାରେ ସଂପୃକ୍ତି ସନ୍ଦେହ କରି ପୁଲିସ ଏକାଧିକ ଯୁବକଙ୍କୁ ପଚରାଉଚରା ଜାରି ରଖିଛି। ସୂଚନାପ୍ରକାରେ, ମଙ୍ଗଳବାର ସନ୍ଧ୍ୟାରେ ଖଜୁରିଆର ସନିଆ ଦାସ ସାହି ନିକଟରେ ଥିବା ଏକ ପୋଖରୀ କଡରେ ପରିଶ୍ରା କରୁଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଫୁଲଟା ଗ୍ରାମର ଏକାଧିକ ଯୁବକ ତାଙ୍କୁ ବାରଣ କରିଥିଲେ। ଏହି କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଫୁଲଟା ଗ୍ରାମର ଅଭିଯୁକ୍ତ ଯୁବକମାନେ ଉତ୍ତ୍ୟକ୍ତ ହୋଇ ନାବାଳକଙ୍କୁ ମାଡ ମାରିବା ସହ ଏକାଧିକ ମୁଥ ମାରିଥିଲେ। ଆକ୍ରମଣରେ ନାବାଳକଙ୍କ ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ।

## ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୬/୬(ପିଆଇବି): ମୌସୁମୀ ଋତୁରେ ଟ୍ରେନ୍ ଚଳାଚଳକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ କୋଟାଭାଲାସା-କିରଣ୍ଡୁଳ , କୋରାପୁଟ-ରାୟଗଡ଼ା ଏବଂ ରାୟଗଡ଼ା-ବିଜୟନଗରମ୍ ରେଳପଥର ସମ୍ବେଦନଶୀଳ କଟିଂ (ପାହାଡ଼ କଟା ଅଞ୍ଚଳ) ଓ ଟନେଲ୍ ଗୁଡ଼ିକରେ ସୁରକ୍ଷା ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ପଥର ଖସିବା, ମୃତ୍ତିକା କ୍ଷୟ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ଆଶଙ୍କା ଥିବା ସଂବେଦନଶୀଳ ଘାଟି ଅଞ୍ଚଳରେ ଏହି କାର୍ଯ୍ୟ ଗୁଡ଼ିକ କରାଯାଉଛି। ଭିତ୍ତିଭୂମି ସୁରକ୍ଷା ଏବଂ ପରିଚାଳନାଗତ ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଆଧୁନିକ ଢାଲ ସ୍ଥିରୀକରଣ ବ୍ୟବସ୍ଥା ଯେପରିକି ରକ୍ ଫଲ୍ ବ୍ୟାରିୟର୍ସ, ରକ୍ ବୋଲ୍ଟିଂ, ୱାୟାର୍ ମେସ୍ ନେଟିଂ, ଜିଓମ୍ୟାଟ୍ ଲେଇଙ୍ଗ୍‌ଏବଂ ସୁଡ଼ଙ୍ଗ ସୁଦୃଢ଼ୀକରଣ କାର୍ଯ୍ୟକାରୀ କରାଯାଉଛି। କେକେ -୧ ସେକ୍ସନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି। ସର୍ବମୋଟ ୯୧୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ, ୨୯,୭୭୬ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ ଏବଂ ୨୨,୧୯୭ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ଶେଷ ହୋଇଛି। ଏହି ଉଦ୍ଦେଶ୍ୟରେ ବ୍ୟାପକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ମଧ୍ୟ ହାତକୁ ନିଆଯାଇଥିଲା, ଯେଉଁଥିରେ ସ୍ଥିରୀକରଣ କାର୍ଯ୍ୟ ପାଇଁ ୩୪୬ଟି ଗାତ ଖନନ ଏବଂ ୪୦ଟି ଗାତର ଗ୍ରାଉଟିଂ ସାମିଲ ରହିଛି।

## ଏମସିଏଲ୍‌ରେ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ



ସମ୍ବଲପୁର, ୧୬/୬(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ନିଜର ମୁଖ୍ୟାଳୟ ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ 'ସ୍ୱଚ୍ଛତା ପକ୍ଷ-୨୦୨୬'ର ଶୁଭାରମ୍ଭ କରିଛି। ଜୁନ୍ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପକ୍ଷପାଳନ ମାଧ୍ୟମରେ ଏମସିଏଲ୍, ସ୍ୱଚ୍ଛତା, ପରିବେଶର ସୁରକ୍ଷା ଏବଂ ଜନଭାଗିଦାରୀ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ୀଭୂତ କରିବ। ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ ଗଣ ଏବଂ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ)ଙ୍କ ଉପସ୍ଥିତିରେ କମ୍ପାନୀ ମୁଖ୍ୟାଳୟରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରିବା ସହ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଏହି ଅବସରରେ ଏକ 'ସ୍ୱଚ୍ଛତା ରଥ'କୁ ମଧ୍ୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା, ଯାହା ଏମସିଏଲ୍‌ର ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା, ସଫେଇ, ସୁସ୍ଥ ଜୀବନଶୈଳୀ ଏବଂ ଦାୟିତ୍ୱବାନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସ୍ଥାନୀୟ ସମୁଦାୟକୁ ସଚେତନ କରିବ। ଏହି ଅବସରରେ ଶ୍ରୀ କାଓଲେ ଏମସିଏଲ୍‌ର ପ୍ରମୁଖ ସି.ଏସ୍.ଆର୍ ପ୍ରକଳ୍ପ 'ସମଗ୍ର ସାମୁଦାୟିକ ବିକାଶ କାର୍ଯ୍ୟକ୍ରମ (ସିସିଡିପି-ଉତଥାନ)'ର ପ୍ରଦର୍ଶନୀ ମଡେଲର ଉନ୍ମୋଚନ କରିଥିଲେ। ଏହି ମଡେଲରେ ଏମସିଏଲ୍ ଦ୍ୱାରା ନିଜର କାର୍ଯ୍ୟକାରୀ ଜିଲ୍ଲାଗୁଡ଼ିକରେ ପରିଚାଳିତ ବିଭିନ୍ନ ସ୍ଥାୟୀ ଜୀବିକା ଭିତ୍ତିକ ପଦକ୍ଷେପ, ଯେପରିକି କୃଷି ଓ ଉଦ୍ୟାନ କୃଷି, ପଶୁପାଳନ, ଗୋପାଳନ ଓ ପଶୁଧନ ବିକାଶ, କୃତ୍ରିମ ଗର୍ଭାଧାନ, ଜଳ ସମ୍ପଦ ବିକାଶ ଏବଂ ଅନ୍ୟାନ୍ୟ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି।

## ଏନଏଚଆରସି ମାଗିଲେ ରିପୋର୍ଟ



ଭୁବନେଶ୍ୱର,୧୬।୬:ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚମେଲି ଓଝାଙ୍କ ସହ ଜଡିତ ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) କେନ୍ଦ୍ରାପଡ଼ାର ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପୋଲିସ ଅଧୀକ୍ଷକଙ୍କଠାରୁ ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି। କମିଶନ ଉଭୟ ଅଧିକାରୀଙ୍କୁ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର ଫ୍ରଣ୍ଟ ଇଣ୍ଡିଆ , ଭୁବନେଶ୍ୱରର ଅଧ୍ୟକ୍ଷ ମନୋଜ ଜେନାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି।

## ଚାମେଲିଙ୍କୁ ମିଳିଲା ଜାମିନ୍

କେନ୍ଦ୍ରାପଡ଼ା/ମହାକାଳପଡା, ୧୬।୬ : କେନ୍ଦ୍ରାପଡ଼ା ଜିଲା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ପୋଲିସକୁ ଆକ୍ରମଣ କରିବା ଭଳି ଏକ ସମ୍ବେଦନଶୀଳ ମାମଲାରେ ଗିରଫ ହୋଇଥିବା ସରପଞ୍ଚଙ୍କ ଜାମିନ୍ ଆବେଦନକୁ କୋର୍ଟ ମଞ୍ଜୁର କରିଛନ୍ତି। କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟ ଚାମେଲି ଓଝାଙ୍କୁ ଏହି ଜାମିନ୍ ପ୍ରଦାନ କରିଛନ୍ତି।କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୦ ହଜାର ଟଙ୍କାର ବଣ୍ଡ ଏବଂ ୨ ଜଣ ଜାମିନ୍‌ଦାରଙ୍କ ବଦଳରେ ସରପଞ୍ଚ ଚାମେଲି ଓଝାଙ୍କୁ ଏହି ସର୍ତ୍ତମୂଳକ ଜାମିନ୍ ମିଳିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରୁ ଗଣମାଧ୍ୟମ ଚର୍ଚ୍ଚାରେ ଥିବା ଚାମେଲିଙ୍କୁ ମହାକାଳପଡ଼ା ପୋଲିସ ଶନିବାର ଗିରଫ କରିଥିଲା।

## ସଡ଼କ ଦୁର୍ଘଟଣା ନେଲା ୪ ଜୀବନ

ଭୁବନେଶ୍ୱର ୧୬।୬: କେନ୍ଦୁଝର ଜିଲା ବଞ୍ଚୋ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦ୍ରୁତଗତିରେ ଆସୁଥିବା ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେହିପରି ଢେଙ୍କାନାଳ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଯାଇଛି।

### ନିରାକାରପୁର ଅଞ୍ଚଳରେ ହେବ ନୂଆ ରେଳ ଓଭରବ୍ରିଜ୍
## ଜମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

ନିରାକାରପୁର,୧୬/୬(ନିପ୍ର): ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଥିବା ହାୱଡ଼ା-ବିଶାଖାପାଟଣା ମୁଖ୍ୟ ରେଳ ଲାଇନର ତାପଙ୍ଗ ଓ ନିରାକାରପୁର ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ନୂତନ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ରେଳ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ନେଇ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ (ପୂର୍ବତଟ ରେଳବାଇ - ନିର୍ମାଣ) ପକ୍ଷରୁ ଏକ ସରକାରୀ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ



ପାଇଛି। ଗେଜେଟ୍ ସୂଚନା ଅନୁଯାୟୀ, ରେଳବାଇ ଆକ୍ଟ ୧୯୮୯ର ଧାରା ୨୦ଏ(୧) ଅନୁସାରେ କେନ୍ଦ୍ର ସରକାର ଜନସାଧାରଣଙ୍କ ସୁବିଧା ଓ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଜମି ଅଧିଗ୍ରହଣ କରିବାକୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ତାପଙ୍ଗ ଏବଂ ନିରାକାରପୁର ଷ୍ଟେସନ (ନିରାକାରପୁର ୟାର୍ଡ) ମଧ୍ୟରେ ଥିବା କିଲୋମିଟର ୪୮୦/୩୫-୩୭ ସ୍ଥିତ ଫାଟକ ନମ୍ବର ୨୧୯ ବଦଳରେ ଏହି ନୂତନ ଓଭରବ୍ରିଜ୍ ନିର୍ମାଣ କରାଯିବ। ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଯଦି କୌଣସି ବ୍ୟକ୍ତି ବା ଜମି ମାଲିକଙ୍କର କିଛି ଆପତ୍ତି ରହିଥାଏ, ତେବେ ସେମାନେ ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ସମ୍ପୃକ୍ତ ସକ୍ଷମ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ନିଜର ଅଭିଯୋଗ ଦାଖଲ କରିପାରିବେ। ରେଳବାଇ ଆକ୍ଟର ଧାରା ୨୦ ଡି ଅନୁଯାୟୀ, ଟାଙ୍ଗୀ ତହସିଲଦାର ତଥା କମ୍ପିଟେଣ୍ଟ ଅଥରିଟି ଫର୍ ଲ୍ୟାଣ୍ଡ ଏକ୍ୱିଜିସନଙ୍କ ନିକଟରେ ଏହି ଆପତ୍ତି ଦାଖଲ କରାଯାଇପାରିବ। ସମସ୍ତ ଅଭିଯୋଗର ଶୁଣାଣି ବ୍ୟକ୍ତିଗତ ଭାବେ କିମ୍ବା ଆଇନଗତ ପ୍ରତିନିଧିଙ୍କ ଜରିଆରେ କରାଯାଇ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ରାଜ୍ୟରେ ହେବ ବୃହତ୍ କ୍ଷମତା ସମ୍ପନ୍ନ ଗୋଦାମ
### ଜମି ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୬ : ରାଜ୍ୟରେ ଶସ୍ୟ ସଂରକ୍ଷଣ ପାଇଁ ସ୍ଥାନ ଅଭାବ । ଏହାକୁ ଦୂର କରିବା ପାଇଁ "ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା' ଅନ୍ତର୍ଗତ ବୃହତ୍ କ୍ଷମତାସମ୍ପନ୍ନ ଗୋଦାମ ନିର୍ମାଣ କରାଯିବ। ଉପଯୁକ୍ତ ଜମି ଚିହ୍ନଟ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଜିଲ୍ଲାପାଳମାନେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ ।

## ୧୧ ଦିନ ଧରି ଦିଲ୍ଲୀରେ ହେବ 'ମହାନଦୀ' ମାନସ ମନ୍ଥନ

ଭୁବନେଶ୍ୱର,୧୬।୬: ମହାନଦୀ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁସାରେ ମହାନଦୀ ପ୍ରସଙ୍ଗରେ ୧୧ଦିନ ଧରି ଦିଲ୍ଲୀରେ ହେବ ମାନସ ମନ୍ଥନ। ୧୬ ଜୁନ୍ ରୁ ୨୬ ଜୁନ୍ ପର୍ଯ୍ୟନ୍ତ ମହାନଦୀର ମୁଖ୍ୟ ପ୍ରସଙ୍ଗ ଗୁଡିକ ଉପରେ ହେବ ବ୍ୟାପକ ଚର୍ଚ୍ଚା ଆଲୋଚନା। ଟ୍ରିବ୍ୟୁନାଲର ପୂର୍ବ ଶୁଣାଣି ସମୟରେ ଦୁଇ ରାଜ୍ୟ ଛତିଶଗଡ଼ ଏବଂ ଓଡ଼ିଶା ତରଫରୁ ଏନେଇ ନିବେଦନ କରିଥିଲେ । ଉଭୟ ରାଜ୍ୟ ପାଇଁ ମୁଖ୍ୟ ପ୍ରସଙ୍ଗ ହେଉଛି ଉଭୟ ରାଜ୍ୟର ଜଳ ଆବଣ୍ଟନ । ଏ ନେଇ ଏକ ବିସ୍ତୃତ ଆଲୋଚନା ହେବା ଦରକାର ବୋଲି ଉଭୟ ରାଜ୍ୟ କହିଥିଲେ । ଉଭୟ ରାଜ୍ୟର ଟେକ୍ନିକାଲ ଟିମ୍ ଏବଂ ଲିଗାଲ ଟିମ୍ ଆଲୋଚନା କରିବେ ବୋଲି ପୂର୍ବ ଶୁଣାଣି ସମୟରେ କହିଥିଲେ ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ସେହିପରି ଯଦି ଦରକାର ପଡ଼ିଲେ ବୈଠକରେ ସିଡବଲୁସି ସହାୟତା ନିଆଯିବ ବୋଲି ମଧ୍ୟ ସେ କହିଥିଲେ । ଆଲୋଚନାର ଫଳାଫଳ ଟ୍ରିବ୍ୟୁନାଲ ପାଖରେ ଦାଖଲ କରିବେ ଉଭୟ ରାଜ୍ୟ ।

## ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସରିଲା

ନୂଆଦିଲ୍ଲୀ, ୧୬।୬: ଜନଗଣନା ୨୦୨୭ ଅନ୍ତର୍ଗତ ଗୃହ ତାଲିକା ଏବଂ ଗୃହ ଜନଗଣନା (ଏଚଏଲଓ) ର ପ୍ରଥମ ପର୍ଯ୍ୟାୟ ଏପର୍ଯ୍ୟନ୍ତ ୨୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ସମାପ୍ତ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛନ୍ତି ଯେ ଦେଶର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ଜନଗଣନା କାର୍ଯ୍ୟ ଜାରି ରହିଛି ।ମନ୍ତ୍ରଣାଳୟ ଅନୁଯାୟୀ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର, ଚଣ୍ଡିଗଡ଼, ଛତିଶଗଡ଼, ଦାଦ୍ରା ଏବଂ ନଗର ହାବେଳୀ ଏବଂ ଦମନ ଏବଂ ଦିଉ, ଦିଲ୍ଲୀ, ଗୋଆ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ମିଜୋରାମ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସିକିମ, ତେଲେଙ୍ଗାନା ଏବଂ ଉତରାଖଣ୍ଡରେ ଜନଗଣନା ୨୦୨୭ ର ପ୍ରଥମ ପର୍ଯ୍ୟାୟ ସମାପ୍ତ ହୋଇଛି ।ମହାରାଷ୍ଟ୍ର, ମେଘାଳୟ, ରାଜସ୍ଥାନ, ଝାଡ଼ଖଣ୍ଡ ଏବଂ ଦିଲ୍ଲୀର ଜାତୀୟ ରାଜଧାନୀ କ୍ଷେତ୍ରର ନଗର ନିଗମ ଅଂଚଳରେ ମେ ୧୬ ରୁ ଜୁନ ୧୪ ପର୍ଯ୍ୟନ୍ତ କରାଯାଇଥିବା ଘର ତାଲିକା ଏବଂ ଗୃହ ଗଣନା ସଫଳତାର ସହ ସମାପ୍ତ ହୋଇଛି, ଯେତେବେଳେ ପଞ୍ଜାବରେ ଏହି ପ୍ରକ୍ରିୟା ଜୁନ ୧୩ ରେ ସମାପ୍ତ ହୋଇଛି।

## ୨ ଡ୍ରାଇଭର ଜୀବନ୍ତ ଦଗ୍ଧ

ରାଉରକେଲା,୧୬।୬: ସୁନ୍ଦରଗଡ଼ ଜିଲ୍ଲା ଭଷ୍ଟା ଥାନା ଅନ୍ତର୍ଗତ କୁଣ୍ଡୁକେଲା କାଇନ୍ତରା ଛକ ନିକଟରେ ୧୦ ନମ୍ବର ରାଜ୍ୟ ରାଜପଥରେ ମଙ୍ଗଳବାର ଭୋରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ ନିଆଁ ଲାଗି ଯିବାରୁ ୨ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗୋଟିଏ ଟ୍ରକ୍ ସୁନ୍ଦରଗଡ଼ ପଟରୁ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ଡିଭାଇଡର ଡେଇଁ ଏହାକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ କ୍ଷଣକ ମଧ୍ୟରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଉଭୟ ଟ୍ରକ୍‌ର ଡ୍ରାଇଭର ଗାଡ଼ି ଭିତରୁ ବାହାରି ପାରି ନଥିଲେ। ତେଣୁ ଉଭୟ ଗାଡ଼ି ଭିତରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ ।ଖବର ପାଇ ଭଷ୍ଟା ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି।

## ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର ଆଉ କେତେକ ଅଂଚଳକୁ ପ୍ରବେଶ କଲା

ଭୁବନେଶ୍ୱର, ୧୬/୬(ନିପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର ଆଉ କେତେକ ଅଂଚଳକୁ ପ୍ରବେଶ କରିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଉତର ସୀମା ଏବେ ମାଲକାନଗିରି, କୋରାପୁଟ, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, ଦେବଗଡ଼ ଏବଂ ସୁନ୍ଦରଗଡ଼ର କିଛି ଅଂଶ ଦେଇ ଗତି କରୁଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।


**AFFIDAVIT**

By virtue of an affidavit sworn before The Executive Magistrate, Krushnaprasad dtd.16.06.2026, I Debaraj Bairiganjan S/o-Anant Bairiganjan At-Nuagaon Po-Sial Ps-Krushnaprasad, Dist-Puri, Pin-75203 do hereby declare that I have changed my name from Rajakishor Bairiganjan to Debaraj Bairiganjan. Henceforth I shall be known as Debaraj Bairiganjan for all purposes.

**Sd/-Debaraj Bairiganjan**

**Online Auction Notice**

Salvage Onlinebid Private Limited, HO – Mumbai, Maharashtra requires buyers to participate in online bidding for the below mentioned material.

Accident Affected Kobelco Excavator - SK 220 XDLC - 10 (MFG - 2024) on as is where is basis at Stone Quarry No – 3T at, Amantipada Road Ghatipiri RI Circle, Dhenkanal. Orissa - 759015

Auction Date – 22-June-2026 between 3pm and 4 pm on www.salvageonlinebid.com

For details - Contact – Kapil Rege 9987262833 / 9023828282

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କାଟାଲଗ୍ ନଂ.: SDCM-KUR-Parking Stands

ଷ୍ଟେସନ ଏବଂ ସ୍ଥାନ : (1) ଖୋର୍ଦ୍ଧା ରୋଡ଼-4 ଚକିଆ ଯାନ (ପୂର୍ବ ପ୍ରବେଶ ଦ୍ୱାର), (2) କଣାସ ରୋଡ଼-2 ଚକିଆ ଯାନ (ଷ୍ଟେସନ ଭବନ ପାର୍ଶ୍ୱ), (3) ଭୁବନେଶ୍ୱର - 2 ଚକିଆ ଯାନ (ପାର୍ସଲ ନିକଟ), (4) ତାଳଚେର ରୋଡ଼-ମିଶ୍ରିତ (2 ଚକିଆ ଓ 4 ଚକିଆ ଯାନ) (ସର୍କୁଲେଟିଂ ଅଞ୍ଚଳରେ), (5) ମଞ୍ଚେଶ୍ୱର- ମିଶ୍ରିତ (2 ଚକିଆ ଓ 4 ଚକିଆ ଯାନ) (ସର୍କୁଲେଟିଂ ଅଞ୍ଚଳରେ) ଏବଂ (6)ପାରାଦ୍ୱୀପ-ମିଶ୍ରିତ (2 ଚକିଆ ଓ 4 ଚକିଆ ଯାନ) (ପ୍ଲାଟଫର୍ମ-1 ପାର୍ଶ୍ୱ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 24.06.2026, 1500 ଘଣ୍ଟିକା (ସମସ୍ତ କ୍ରମ ସଂ. ପାଇଁ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 24.06.2026, 1530 ଘଣ୍ଟିକା (କ୍ରମ ସଂ. 1 ପାଇଁ),1540 ଘଣ୍ଟିକା (କ୍ରମ ସଂ. 2 ପାଇଁ), 1550 ଘଣ୍ଟିକା (କ୍ରମ ସଂ. 3 ପାଇଁ), 1600 ଘଣ୍ଟିକା (କ୍ରମ ସଂ. 4 ପାଇଁ), 1610 ଘଣ୍ଟିକା (କ୍ରମ ସଂ. 5 ପାଇଁ) ଏବଂ 1620 ଘଣ୍ଟିକା (କ୍ରମ ସଂ. 6 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଜିଙ୍ଗ୍ ଟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-242/R/26-27


### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା
# ତଦନ୍ତ ରିପୋର୍ଟ ଖୋଜି ବାହାର କରାଯାଉ ଓ ଦୋଷୀଙ୍କୁ ଦଣ୍ଡ ଦିଆଯାଉ: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ

ଭୁବନେଶ୍ୱର, ୧୬/୬(ନିପ୍ର): ସ୍ୱାମୀ ଲକ୍ଷ୍ମଣାନନ୍ଦସରସ୍ୱତୀ ହତ୍ୟା ମାମଲାର ତଦନ୍ତ ରିପୋର୍ଟ ଖୋଜି ବାହାର କରାଯାଉ ଓ ଦୋଷୀଙ୍କୁ ଦଂଡ ଦିଆଯାଉ ବୋଲି ଦାବି କରିଛି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀସ୍ମୃତି ନ୍ୟାସ । ସ୍ୱାମୀ ଲକ୍ଷ୍ମଣାନନ୍ଦସରସ୍ୱତୀ ସ୍ମୃତି ବ୍ୟାସର ଏକ ପ୍ରତିନିଧି ଦଳ ୧୪ ଜୁନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଏବଂ ପରବର୍ତ୍ତୀ ଦଙ୍ଗା ଘଟଣା ସମ୍ପର୍କିତ ତଦନ୍ତ କମିଶନ ରିପୋର୍ଟ ନିଖୋଜ ଘଟଣା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଆଜି ଏକସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ନ୍ୟାସର ଅଧ୍ୟକ୍ଷ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀ ଓ ନ୍ୟାସୀ ରୁପେନ୍ଦ୍ର



କହଁର କହିଛନ୍ତି ଯେ, ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗଭୀର ଉଦ୍‌ବେଗ ପ୍ରକାଶ କରି କହିଥିଲେ ଯେ,ଗତ କିଛି ଦିନ ଧରି ବିଭିନ୍ନ ଗଣମାଧ୍ୟମ ଏବଂ ସାମାଜିକ ଚର୍ଚ୍ଚାରୁ ଏହି ବହୁ ପ୍ରତୀକ୍ଷିତ ତଦନ୍ତ କମିଶନ ରିପୋର୍ଟ ନିଖୋଜ କିମ୍ବା ହଜିଯାଇଥିବା ସମ୍ବାଦ ପ୍ରକାଶ ପାଇଥିବାରୁ ସମଗ୍ର ଓଡ଼ିଶାବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ଓ ସନ୍ଦେହର ପରିବେଶ ସୃଷ୍ଟି ହୋଇଛି। ଏହି ବିଷୟପୂଜ୍ୟ ସ୍ୱାମୀଜୀଙ୍କ ଭକ୍ତବୃନ୍ଦ ଏବଂ ସାଧାରଣ ଜନମନ ସହ ଗଭୀର ଭାବେ ଜଡିତ ଥିବାରୁ ଏହାର ଶୀଘ୍ର ଓ ସ୍ୱଚ୍ଛ ତଦନ୍ତ ଅତ୍ୟାବଶ୍ୟକ । ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଦୃଢ଼ ଦାବି ଜଣାଇଥିଲେ ଯେ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଖୋଜ ତଦନ୍ତକମିଶନ ରିପୋର୍ଟକୁ ଖୋଜି ବାହାର କରାଯାଉ ଏବଂ ଏହି ଘଟଣାରେ ଅବହେଳାତ୍ମକ ମନୋବୃତ୍ତି ପୋଷଣ କରିଥିବା ଦାୟିତ୍ୱହୀନ ଅଧିକାରୀ କିମ୍ବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟାନ୍ତମୂଳକ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଷଡ଼ଯନ୍ତ୍ର ରେ ସମ୍ପୃକ୍ତ ସମ ଦୋଷୀଙ୍କୁ ଦଣ୍ଡ ବିଧାନ କରାଯାଉ । ଏହା ସହିତ, ଜଷ୍ଟିସ ଶରତ ଚନ୍ଦ୍ର ମହାପାତ୍ରଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଏବଂ ଜଷ୍ଟିସ ବାସୁ ପାଣିଗ୍ରାହୀ କମିଶନ ରିପୋର୍ଟକୁ ସାର୍ବଜନୀନ କରାଯିବା ପାଇଁମଧ୍ୟ ଦାବି କରାଯାଇଥିଲା।

## ଯୁବ ସଂସଦ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ



ଭୁବନେଶ୍ୱର,୧୬/୬(ନିପ୍ର): କନ୍ଧମାଳ ଜିଲ୍ଲାସ୍ଥିତ ମହାସିଙ୍ଗିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ତିରୁପତିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଜିଲିରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ-ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା (ଜୋନ୍ ୩) ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଓଡିଶାର ୪ ଟି ଇଏମଆରଏସ୍ ମଧ୍ୟରୁ ଆଂଚଳିକ-ସ୍ତରୀୟ ଚାମ୍ପିଅନ୍ ହେବା ପରେ ମହାସିଙ୍ଗି ଇଏମଆରଏସ୍ ଏହି ସମ୍ମାନଜନକ ସଫଳତା ହାସଲ କରିଛି । ଦେଶର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ପ୍ରଥମ ଥର ଜାତୀୟ ଯୁବ ସଂସଦ ପ୍ରତିଯୋଗିତାର ଆୟୋଜନ କରିଛି ନ୍ୟାସନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବଲ୍ ଷ୍ଟୁଡେଂଟ । ଦେଶର ୩୬ ଟି ମନୋନୀତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଆଂଚଳିକ, ଜୋନାଲ ଏବଂ ଜାତୀୟ ସ୍ତରରେ ଏହି ପ୍ରତିଯୋଗିତା ହେଉଛି। ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମ୍ବିଧାନିକ ସଚେତନତା, ନେତୃତ୍ୱ ଗୁଣବତା ଏବଂ ସଂସଦୀୟ ନୀତିକୁ ବୁଝିବାରେ ସହାୟକ ହେବ । ଇଏମଆରଏସ୍ ମହାସିଙ୍ଗିର ୫୮ ଜଣ ଛାତ୍ରଛାତ୍ରୀ ଏବଂ ୬ ଜଣ ଶିକ୍ଷକଙ୍କ ଏକ ଦଳ ଜୋନାଲ-ସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଯୋଗାଯୋଗ ଦକ୍ଷତା, ସମାଲୋଚନାମୂଳକ ଚିନ୍ତାଧାରା, ନେତୃତ୍ୱ ଗୁଣବତା ବୃଦ୍ଧି କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପାଇଥାନ୍ତି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ